visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.253, Bhubaneswar Tuesday, November 19, 2019 | ୨୨ତମ ବର୍ଷ ସଂଖ୍ୟା–୨୫୩ ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୧୯, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ବିଧାନସଭାରେ ଧାନ କିଣା ତାତି

ଭୁବନେଶ୍ୱର, ୧୮।୧୧(ପି.ଏନ): ପଶ୍ଚିମ ଓଡିଶାରେ ମଣ୍ଡି ଅଚଳ ହେବା ପରେ ଓଡିଶା ବିଧାନସଭାରେ ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ଅଚଳାବସ୍ଥା ଦେଖା ଦେଇଛି । ବିଜେପି ବିଧାୟକ ମାନେ ପୂର୍ବ ଭଳି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ବସି ଧାରଣାକୁ ଚାଲୁ ରଖିଥିଲେ । କଂଗ୍ରେସ ପକ୍ଷରୁ ହଟ୍ଟଗୋଳ ସୃଷ୍ଟି କରାଯିବା ପରେ ଦେଖା ଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଚାରି ମିନିଟ ପାଇଁ ଗୃହକୁ ଚଳାଇ ପାରିଥିଲେ । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ୧୦.୩୪ରୁ ଅପରାହ୍ଣ ୩ଟା ଯାଏ ଗୃହକୁ ବନ୍ଦ ରଖିବାକୁ ବାଧ୍ୟ ହୋଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ଣ ୧୦.୩୦ରେ ଗୃହର ବୈଠକ ଆରମ୍ଭ ହୋଇଥିଲା । ପ୍ରଶ୍ନୋତର କାର୍ଯ୍ୟକ୍ରମକୁ ବାଚସ୍ପତି ଆରମ୍ଭ କରିଥିଲେ । ସେ ଶାସକ ଦଳର ବିଧାୟକ ବ୍ୟୋମକେଶ ରାୟଙ୍କ ସାମୁଦ୍ରିକ ଥାନା ସମ୍ପର୍କିତ ପ୍ରଶ୍ନ ନେଇ ଆସିଥିବା ପ୍ରଶ୍ନର ଉତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଂକର ମିଶ୍ରଙ୍କୁ ଦେବା ପାଇଁ କହିଥିଲେ । ଅନ୍ୟପକ୍ଷରେ କଂଗ୍ରେସ ଦଳର ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂହ ସାଲୁଜା ଓ ଅନ୍ୟ ବିଧାୟକ ମାନେ ନିଜ ନିଜ ଆସନରେ ଠିଆ ହୋଇ ପଶ୍ଚିମ ଓଡିଶାରେ ଧାନ କିଣାରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ନେଇ ମୁଲତବୀ ନୋଟିସ ନ ଆସିବାକୁ ନେଇ ହୋ ହାଲ୍ଲା କରିଥିଲେ । ସେମାନେ ଧାନ କିଣିବାର ବ୍ୟବସ୍ଥା ସରକାର ତୁରନ୍ତ କରନ୍ତୁ ନ ହେଲେ ପଶ୍ଚିମ ଓଡିଶାରେ ଚାଷୀ ସଂଗଠନ ମାନେ ଆନ୍ଦୋଳନ କରିବାକୁ ବ୍ୟାପକ ଧମକ ଦେଇଛନ୍ତି ବୋଲି କହିଥିଲେ । ଏହି ପ୍ରସଙ୍ଗକୁ ସେମାନେ ଶୂନ୍ୟକାଳରେ ଉଠାଇବା ପାଇଁ କହି ପ୍ରଶ୍ନୋତର କାର୍ଯ୍ୟକ୍ରମ ଚାଲୁ ରଖିବାକୁ ବାଚସ୍ପତି କହିଥିଲେ । ସେ ଏହି ପ୍ରଶ୍ନରେ ଅତିରିକ୍ତ ପ୍ରଶ୍ନ ପଚାରିବାକୁ ବିଧାୟକ ଅଶ୍ୱିନୀ ପାତ୍ରକୁ ଡାକିଥିଲେ । ମନ୍ତ୍ରୀ ଏହାର ଉତର ଦେଇଥିଲେ ହେଁ ହଟ୍ଟଗୋଳ ଯୋଗୁ ଏହା ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହୋଇ ନଥିଲା । ବାଚସ୍ପତିଙ୍କ ଏପରି ବ୍ୟବହାରକୁ ଦେଖି କଂଗ୍ରେସ ସଭ୍ୟ ମାନେ ଗୃହର ମଧ୍ୟ ଭାଗକୁ ଚାଲି ଆସି ବାଚସ୍ପତିଙ୍କ ଟେବୁଲ ଉପରକୁ ଚଢି ମାଇକ ଛଡାଇବାକୁ ପ୍ରୟାସ କରିଥିଲେ । ସୁରକ୍ଷା କର୍ମଚାରୀ ମାନେ ସେମାନଙ୍କୁ ବାଧା ଦେଇଥିଲେ । ପରିସ୍ଥିତି ଅଣାୟତ ହେବାରୁ ବାଚସ୍ପତି ୧୦.୩୪ରେ ଗୃହରୁ ୩ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଚାରି କିଲୋମିଟର ଭାରରେ ବୁହାହେଲେ ଗର୍ଭବତୀ

ମାଲକାନଗିରି, ୧୮।୧୧(ପି.ଏନ): ମାଲକାନଗିରି ଜିଲ୍ଲାରେ ପୁଣି ଆଜି ଦେଖା ଦେଇଛି ଜନନୀ ଯନ୍ତ୍ରଣା । ଅନେକ ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନଥିବାରୁ ଆମ୍ବୁଲାନ୍ସ ପହଂଚିପାରୁନାହିଁ । କେଉଁଠି ଗର୍ଭବତୀ ମହିଳାଙ୍କୁ ଟୋକେଇ ଭାରରେ ତ ଆଉ କେଉଁଠି ଖଟିଆରେ ବୋହି ହସପିଟାଲକୁ ନିଆ ଯାଇଥାଏ । ଜିଲ୍ଲାର ଅଧିକାଂଶ ଗ୍ରାମରେ ଖଟିଆ ସାଜିଥାଏ ଆମ୍ବୁଲାନ୍ସ । ପୁଣି ଦେଖିବାକୁ ମିଳିଛି ଆମ୍ବୁଲାନ୍ସ ଷ୍ଟ୍ରେଚରରେ ରେ ଗର୍ଭବତୀ ମହିଳାଙ୍କୁ ବସାଇ କାନ୍ଧେଇ ଆମ୍ବୁଲାନ୍ସ ନିକଟକୁ ନେବାର ଦୃଶ୍ୟ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅଚଂଳରେ । ରବିବାର ରାତି ୧୦.ଟା୩୦ସମୟରେ ଭୁବନପଲ୍ଲୀ ପଂଚାୟତର କାନ୍ଦିଗୁଡା ଗ୍ରାମର ମୁଡାମାଡ଼ି ଙ୍କ ପତ୍ନୀ ରାମେ ମାଡ଼ି ଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହେବାରୁ ସେ ଗ୍ରାମର ସ୍ୱେଚ୍ଛାସେବୀ ଓ ଆଶାକର୍ମୀ ୧୦୮ ଆମ୍ବୁଲାନ୍ସ କୁ ଫୋନ କରିଥିଲେ ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରଖ୍ୟାତ କଳାକାର କମଳ ହାସନ

## ପାଣି ଟ୍ୟାଙ୍କରୁ ମିଳିଲା ଦେଢକୋଟିର ଗଞ୍ଜେଇ,୨ ଗିରଫ

ମାଲକାନଗିରି ,୧୮।୧୧ (ପି.ଏନ): ପାଣି ଟ୍ୟାଙ୍କରରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଥିଲି ଥାନା ପୋଲିସ ଜବତ କରିଛି । ଜବତ ଗଞ୍ଜେଇର ବଜାର ମୂଲ୍ୟ ଦେଢ କୋଟି ଟଙ୍କା ହେବ । ଏହି ଘଟଣାରେ ପୋଲିସ୍ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁସାରେ ମାଥିଲି ଅଂଚଳରୁ ଏକ ପାଣି ଟ୍ୟାଙ୍କର ଯୋଗେ ଚୋରା ଗଞ୍ଜେଇ ଉତରପ୍ରଦେଶକୁ ଚାଲାଣ କରାଯାଉଥିଲା । ବିଶେଷ ସୂତ୍ରରୁ ଖବର ପାଇ ମାଥିଲି ପୋଲିସ ପେଟ୍ରୋଲିଂ କରିବା ସମୟରେ ଏହି ଗାଡି ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ଯାଂଚ ବେଳେ ଗାଡିରୁ ୧୪୪୭ କେଜି ଗଞ୍ଜେଇ ଜବତ ହୋଇଥିବା ନେଇ ମାଲକାନଗିରି ଥାନା ଆଇଅ ।ଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି । ଏହି ଚାଲାଣରେ ସମ୍ପୃକ୍ତ ଥିବା ଉତରପ୍ରଦେଶର ୨ ଜଣ ଦଲାଲଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବର୍ତ୍ତମାନ ଗଞ୍ଜେଇ ଅମଳର ସମୟ ହୋଇଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଲିସର ଚଢାଉ ଜାରି ରହିବ ବୋଲି ଏସପି ହୃଷିକେଶ ଖିଲାରୀ ସୂଚନା ଦେଇଛନ୍ତି ।

## ଡ୍ୟୁଟି ବେଳେ ଉପର ଅଫିସରଙ୍କୁ ଭାଇ ଡାକିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୮।୧୧(ପି.ଏନ): ସରକାରୀ ଅଫିସ୍ ରେ ଡ୍ୟୁଟି ସମୟରେ ବରିଷ୍ଠ ଅଧିକାରୀ ମାନଙ୍କୁ "ଭାଇ" ସମ୍ବୋଧନ କରିପାରିବେନି । ଏହାଦ୍ୱାରା ସରକାରୀ ମର୍ଯ୍ୟାଦା ଭଙ୍ଗ ହେଉଛି । ଏପରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଛି । ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶକ ରତ୍ନାକର ରାଉତ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଅଫିସରେ କୌଣସି ଜୁନିଅର ଅଧିକାରୀ ଭାଇ ସମ୍ବୋଧନ କଲେ ଏହା ଅଫିସର ଡେକୋରମ୍ ନଷ୍ଟ କରୁଛି । ଷ୍ଟେଟ୍ ସରଭାଂଟ କଣ୍ଡକ୍ଟ ରୁଲ୍-୧୯୫୯ର ଏହା ଖୋଲା ଉଲଂଘନ ।

# ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ଉତ୍ସବ ଓ କର୍ମଶାଳା

ଭୁବନେଶ୍ୱର, ୧୮।୧୧(ପି.ଏନ): ଜଳସଂପଦରେ ଭରପୂର ଓଡ଼ିଶାରେ ମାଛଚାଷର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ପରିପ୍ରେକ୍ଷୀରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହିତ ଓଡ଼ିଶାକୁ ଏ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପଡ଼ିବ । ଓଡ଼ିଶାର ସମୁଦ୍ର ଉପକୂଳ, କ୍ଷାରୀ ପାଣି ଓ ମଧୁର ଜଳ ଭଣ୍ଡାରରୁ ମତ୍ସ୍ୟ ଉତ୍ପାଦନ କରି ରାଜ୍ୟରେ ପୁଷ୍ଟିକର ଖାଦ୍ୟର ଚାହିଦା ପୂରଣ କରିବା ସହିତ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ କରି ଅଧିକ ବୈଦେଶିକ ମୁଦ୍ରା ଉପାର୍ଜନ କରିହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ସୋମବାର ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ମତ୍ସ୍ୟ ସମବାୟ ନିଗମ ଲିଃ (ଫିସ୍‌ଫେଡ୍) ଓ ଫିସ୍‌କୋଫେଡ୍‌ର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ରମଣ୍ଡପ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ୨୦୧୯ ଉତ୍ସବ ଓ 'ସମବାୟ ମାଧ୍ୟମରେ ମତ୍ସ୍ୟଜୀବୀଙ୍କ ବିକାଶ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ରାଜ୍ୟ ସରକାର କୃଷକମାନଙ୍କର ଆୟ ବହୁଗୁଣିତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଥିବାବେଳେ ଆନୁଷଙ୍ଗିକ କୃଷି, ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ା ଚାଷ ଆଦି ବ୍ୟାପକ ଭାବେ କରାଯାଇ କୃଷକମାନଙ୍କ ଆୟ ବୃଦ୍ଧି ସହିତ ସେମାନଙ୍କୁ ବର୍ଷସାରା ରୋଜଗାର ଦେଇହେବ । ରାଜ୍ୟରେ ବିଗତ ୫ ବର୍ଷ ମଧ୍ୟରେ ମତ୍ସ୍ୟ ଉତ୍ପାଦନ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ପାଇଛି ବୋଲି କହିବା ସହିତ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଦିଗରେ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ଅଧିକ କ୍ରିୟାଶୀଳ କରି ରାଜ୍ୟରେ ନୀଳ ବିପ୍ଲବକୁ ସାକାର କରିବାକୁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେଇଥିଲେ । ଉତ୍ସବରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ର ସହିତ ଜଡ଼ିତ ଲୋକଙ୍କ ଆର୍ଥିକ ବିକାଶରେ ସମବାୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସବୁବର୍ଗର ଲୋକଙ୍କୁ ସମବାୟ ସହିତ ଜଡ଼ିତ କରାଇ ସେମାନଙ୍କୁ ସମ୍ମିଳିତ ବିକାଶ ପ୍ରକ୍ରିୟାରେ ସାମିଲ କରିବାକୁ ପଡ଼ିବ । ରାଜ୍ୟରେ ୪୮୦ କିମିରୁ ଊର୍ଦ୍ଧ୍ୱ ସମୁଦ୍ର ଉପକୂଳ ଥିବାବେଳେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଗଭୀର ସମୁଦ୍ରରୁ ମାଛ ମାରିବା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣେଇବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ସାଂପ୍ରତିକ ପରିସ୍ଥିତିରେ ଯୁବକଯୁବତୀମାନଙ୍କୁ ରୋଜଗାର ଦେବା ଓ ସ୍ୱାବଲମ୍ବୀ କରିବା ଦିଗରେ ସମବାୟ ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ । ଫିସ୍‌ଫେଡ୍‌ର ସଭାପତି ଶ୍ରୀ ଟି. ପ୍ରସାଦରାଓ ଦୋରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର୍. ରଘୁପ୍ରସାଦ କହିଲେ ବିଭାଗ ପକ୍ଷରୁ ଆବର୍ତ୍ତକାଳୀନ ପାଣ୍ଠି ବାବଦରେ ପ୍ରତି ପ୍ରାଥମିକ ସମବାୟ ସମିତିକୁ ୨ ଲକ୍ଷ ଟଙ୍କା ଲେଖାଏଁ ସରକାରୀ ସହାୟତା ଫିସ୍‌ଫେଡ୍ ମାଧ୍ୟମରେ ଦିଆଯାଉଛି । ସଂପ୍ରତି ଓଡ଼ିଶାରେ ୭୩୨ ଟି ସକ୍ରିୟ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି କାର୍ଯ୍ୟ କରୁଛି । ଉତ୍ସବରେ ଜାତୀୟ ସମବାୟ ମହାସଂଘ, ନୂଆଦିଲ୍ଲୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଏନ୍. ସତ୍ୟନାରାୟଣ, ଫିସ୍‌କୋଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିମଳ କୁମାର ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସମବାୟ ସମିତି ଜରିଆରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ମତ୍ସ୍ୟଜୀବୀମାନଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଫିସ୍‌ଫେଡ୍ କନ୍ୟାରତ୍ନ ଯୋଜନାରେ ୩୦ ଜଣ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ କନ୍ୟାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା । ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୯ଟି ସମବାୟ ସମିତିକୁ ସମ୍ବର୍ଦ୍ଧିତ କରାଯିବା ସହିତ ସମବାୟ କ୍ଷେତ୍ରରେ ବିଶେଷ ଅବଦାନ ଦେଇଥିବା ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଶେଷରେ ଫିସ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଉମେଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଏହି ଉପଲକ୍ଷେ ଆୟୋଜିତ ଏକ ପ୍ରଦର୍ଶନୀକୁ ମନ୍ତ୍ରୀ ଡ. ସାହୁ ଉଦ୍‌ଘାଟନ କରିଥିଲେ । କର୍ମଶାଳାରେ ପ୍ରାଥମିକ ସମବାୟ ସମିତିର ସଭ୍ୟାମାନଙ୍କୁ ମାଛଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ, କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଓ ସମବାୟ ସମିତି ସହିତ ଜଡ଼ିତ ବିଭିନ୍ନ ଆଇନ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା ।

# ଆଜିଠୁ ବିଧାନସଭା ଅଚଳ କରିବ ବିଜେପି

ଭୁବନେଶ୍ୱର, ୧୮।୧୧ (ପି.ଏନ): ଆସନ୍ତାକାଲିଠାରୁ ବିଧାନସଭାକୁ ଅଚଳ କରାଯିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ।ସେ କହିଛନ୍ତି ଯେ ବାଚସ୍ପତି ବିଧାନସଭାରେ ତାଙ୍କୁ ଏବଂ ତାଙ୍କ ଦଳର ବିଧାୟକମାନଙ୍କୁ କହିବାକୁ ସୁଯୋଗ ଦେଉନାହାନ୍ତି ।ଏହା ଆମ ପ୍ରତି ଅପମାନ । ତେଣୁ ଆସନ୍ତାକାଲି ବିଧାନସଭାର ପ୍ରଶ୍ନ କାଳରୁ ଆମେ ଗୃହକୁ ଚଳାଇ ଦେବୁ ନାହିଁ ବୋଲି ଶ୍ରୀ ନାଏକ କହିଛନ୍ତି । ଧର୍ମଶାଳା ବ୍ଲକ୍ ହରିଦାସପୁର ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଦଳ ନେତାଙ୍କ ନେତୃତ୍ୱରେ ବିଜେପି ସଭ୍ୟମାନେ ବିଧାନସଭା କାର୍ଯ୍ୟକ୍ରମର ଭାଗ ନନେଇ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଉଥିଲେ ।ସୋମବାର ସେମାନେ ସମାନ ପ୍ରସଙ୍ଗରେ ରାଜଭବନ ଯାଇଥିଲେ । ଅପରାହ୍ନରେ ସେମାନେ ଗୃହକୁ ଯାଇ ସମାନ ପ୍ରସଙ୍ଗ ଉଠାଇଥିଲେ । ବିରୋଧୀ ଦଳ ନେତା ଶ୍ରୀ ନାଏକ ସ୍ମିତାରାଣୀ ପ୍ରସଙ୍ଗ ଉଠାଇବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପୂର୍ବରୁ ଏହି ଆଲୋଚନା ହୋଇସାରିଥିବା କହିଥିଲେ । ଏହାପରେ ସଙ୍ଗେ ସଙ୍ଗେ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରହିଲା ବୋଲି ଘୋଷଣା କରିଦେଇଥିଲେ । ଏହି ମାମଲାରେ ଶାସକ ଦଳର ମୁଖା ଖୋଲିଯିବା ଭୟରେ ଆଲୋଚନା କରିବାକୁ ସୁଯୋଗ ନଦେଇ ବାଚସ୍ପତି ଗୃହ ମୁଲତବୀ କରିଦେଲେ ବୋଲି ଶ୍ରୀ ନାଏକ ଅଭିଯୋଗ କରିଛନ୍ତି ।

# ସ୍ମିତାରାଣୀ ହତ୍ୟା ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଲା ବିଜେପି ବିଧାୟକ ଦଳ

ଭୁବନେଶ୍ୱର, ୧୮।୧୧(ପି.ଏନ): ସ୍ମିତାରାଣୀ ହତ୍ୟା ଓ ଦୁର୍ଷ୍କର୍ମକୁ ଏକ ଆତ୍ମହତ୍ୟାର ରୂପ ଦେବା ପାଇଁ ଚାଲିଥିବା ସରକାରୀ ଷଡଯନ୍ତ୍ର ବିରୋଧରେ ବିଜେପି ବିଧାୟକ ମାନେ ବିଧାନସଭାରେ ଆଲୋଚନା କରିବା ପାଇଁ ଚାହୁଁଥିବା ବେଳେ ତାହା କରିବାକୁ ଦିଆଯାଉ ନାହିଁ । ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର ଦାବିରେ ବିଜେପି ବିଧାୟକ ମାନେ ଗତ ୩ ଦିନ ହେଲାଣି ନିରବ ପ୍ରତିବାଦ କରି ଆସୁଥିଲେ । ବିରୋଧି ଦଳର ବିନା ଅନୁପସ୍ଥିତିରେ ବାଚସ୍ପତି ଗୃହ ଚଲାଇ ଆସୁଛନ୍ତି । ବାଚସ୍ପତି ଶାସକ ଦଳର ସମର୍ଥନରେ ପକ୍ଷପାତିତା କରୁଥିବାରୁ ଏବଂ ମୁଖ୍ୟ ବିରୋଧି ଦଳକୁ ଗୃହରେ କହିବା ପାଇଁ ସୁଯୋଗ ଦେଉନଥିବାରୁ ଆଜି ବିରୋଧି ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ ବିଜେପିର ବିଧାୟକ ଦଳ ରାଜ୍ୟପାଳଙ୍କୁ ଭେଟି ହସ୍ତକ୍ଷେପ ଲୋଡିଛନ୍ତି । ଶ୍ରୀ ନାଏକ କହିଛନ୍ତି ଯେ, ମୃତ ସ୍ମିତାରାଣିଙ୍କର ବାପା କହିଛନ୍ତି ଯେ ସେ ଥାନାରେ ଏଫଆଇର ଦେବା ବେଳେ ଜଣେ ପୋଲିସ ଅଧିକାରି ତାଙ୍କ ଝିଅ ଆତ୍ମହତ୍ୟା କରିଛି ବୋଲି ଲେଖିବା ପାଇଁ ବାଧ୍ୟ କରିଥିଲେ । ସେହିପରି ପୋଷ୍ଟମର୍ଟମ ରିପୋର୍ଟରେ ଆତ୍ମହତ୍ୟା ଜନିତ ମୃତ୍ୟୁ ବୋଲି କେବେ ବି ଲେଖାଯାଇ ନଥାଏ । ହେଲେ ନିଜେ ମନ୍ତ୍ରୀ ବିଧାନସଭାରେ ଏହାକୁ ଆତ୍ମହତ୍ୟା ବୋଲି କହିଲେ, ସେ ତାହା କେଉଁ ସୁତ୍ରରୁ ଜାଣିଲେ । ଆମେ ଏହି ଘଟଣା ଉପରେ ଆଲୋଚନା ପାଇଁ ବିଧାନସଭାରେ ମୋସନ ଆଣିବା ପାଇଁ ଚାହିଁଥିଲୁ । ହେଲେ ବାଚସ୍ପତି ଆମର ଦାବିକୁ ଗ୍ରହଣ କଲେ ନାହିଁ । ସଂଖ୍ୟା ଦୃଷ୍ଟିରୁ ମୁଖ୍ୟ ବିରୋଧୀ ଦଳ ବିଜେପିର ମୋସନ ଉପରେ ଆଲୋଚନା ପାଇଁ ଗୃହକୁ ସୁଯୋଗ ଦେବା ସଂସଦୀୟ ପରମ୍ପରା । ସ୍ୱାଭାବିକ ଭାବେ ବିଜେପିକୁ ବାଚସ୍ପତି ଗୃହରେ ପ୍ରସଙ୍ଗ ରଖିବା ପାଇଁ ଦେବା କଥା । ଯାହା ବାଚସ୍ପତି କଲେ ନାହିଁ । ବାଚସ୍ପତି ଏବେ ସୁଦ୍ଧା ମୋସନ ଆଣି ଆଲୋଚନା କରିବା ପାଇଁ ଚାହିଁଲେ ନାହିଁ । ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ରାଜ୍ୟପାଳ ମହୋଦୟ ବାଚସ୍ପତିଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛୁ । ବାଚସ୍ପତି ଚାହୁଁ ନାହାନ୍ତି ସ୍ମିତାରାଣିଙ୍କର ହତ୍ୟା ବିଷୟ ଗୃହରେ ରେକର୍ଡ ହେଉ । ସରକାରଙ୍କୁ ବଂଚାଇବା ପାଇଁ ସେ ବିରୋଧି ଦଳର ନେତାଙ୍କୁ ଗୃହରେ କହିବା ପାଇଁ ଦେଉନାହାନ୍ତି । ଯେଉଁ ଦିନ ବିଧାନସଭା ଆରମ୍ଭ ହେଲା ସେଦିନ ବାଚସ୍ପତି ବିରୋଧୀ ଦଳର ନେତାଙ୍କୁ ଠିଆ ହୋଇ କହୁଥିବାବେଳେ ବି ଦେଖିପାରିଲେ ନାହିଁ ଯାହାପାଇଁ ପରେ ସେ କ୍ଷମା ମାଗିଲେ । ସେହିପରି ଆଜିବି ବିରୋଧି ଦଳର ନେତା କହୁଥିବାବେଳେ ବାଚସ୍ପତି ଗୃହକୁ ମୁଲତବି କଲେ । ବାଚସ୍ପତିଙ୍କର ଏହି ଅନ୍ୟାୟ ଚଳିବ ନାହିଁ । ବିଜେପିର ବିଧାୟକମାନେ ସ୍ମିତାରାଣି ପ୍ରସଙ୍ଗ, ଧାନକିଣା ଅନିୟମିତତା ଆଦି ପ୍ରସଙ୍ଗରେ ଗୃହରେ ସରକାରଙ୍କୁ କାଠଗଡାରେ ଠିଆ କରାଇବେ ବୋଲି ଶ୍ରୀ ନାଏକ କହିଛନ୍ତି । ରାଜ୍ୟପାଳଙ୍କୁ ଭେଟିବା ବେଳେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ମୁଖ୍ୟ ସଚେତକ ମୋହନ ମାଝୀଙ୍କ ସମେତ ସମସ୍ତ ବିଜେପି ବିଧାୟକ ଏବଂ ବିଧାୟିକା ପ୍ରମୁଖ ଉପସ୍ଥିତ ଥିଲେ ।

## ଶପଥ ନେଲେ ସୁପ୍ରିମ୍ କୋର୍ଟ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବଡେ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୮।୧୧ (ପି.ଏନ): ଜଷ୍ଟିସ୍ ଶ୍ରୀ ଶରଦ ଅରବିନ୍ଦ ବୋବଡେ ସୋମବାର ଭାରତର ସର୍ବୋଚ୍ଚ ନ୍ୟାୟାଳୟର ୪୭ ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନ ଦରବାର ହଲରେ ଆୟୋଜିତ ଏକ ସମାରୋହରେ ସେ ଶପଥ ଗ୍ରହଣ କରିଥିଲେ । ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ତାଙ୍କୁ ପଦବୀର ଶପଥ ପାଠ କରାଇଥିଲେ ।

## ୨ ୱାରେଂଟି ଗିରଫ

କୋରେଇ, ୧୮।୧୧(ପି.ଏନ): ପାଣିକୋଇଲି ପୁଲିସ ଆଜି ୨ଜଣଙ୍କୁ ୱାରେଂଟି ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି । ୨୦୦୫ ମସିହା ଏକ ଏକ ମାରପିଟ ମାମଲାରେ କୋର୍ଟରେ ହାଜର ନହେବାରୁ ସେମାନଙ୍କ ନାମରେ ୱାରେଂଟ ଜାରି କରିଥିଲେ କୋର୍ଟ । ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ବାଲିପଶି ଗ୍ରାମର ଭାଗବତ ସାହୁଙ୍କ ପୁଅ ଶ୍ୟାମ ସୁନ୍ଦର (୪୯) ଓ ତାଙ୍କ ସ୍ତ୍ରୀ ଗୀତାଂଜଳୀ (୪୨) ପୁଲିସ ଗିରଫ କରି ମାମଲା ୧୬୭/୦୫ ଦଫା ୩୪୧,୩୨୩, ୨୯୪, ୫୦୬, ୩୪ ଆଇପିସିରେ କୋର୍ଟ ଚାଲାଣ କରିଛି ।

# ମଧ୍ୟାହ୍ନ ଭୋଜନରେ ପଚା ଅଣ୍ଡା ଘଟଣା, ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

ଧର୍ମଶାଳା, ୧୮।୧୧(ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଶନିବାର ଦିନ ୨ଗୋଟି ବିଦ୍ୟାଳୟରେ ଅଘଟଣ ଘଟିଥିଲା । ମଧ୍ୟାହ୍ନ ଭୋଜନରେ ପଚା ଅଣ୍ଡା ଓ ଝିଟିପିଟି ପଡିଥିବା ଖାଦ୍ୟ ଖାଇ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ମେଡିକାଲରେ ଚକିତ୍ସିତ ହୋଇ ଫେରିଥିଲେ । ଏହି ଘଟଣାକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏବଂ ଏହି ଘଟଣାରେ ଶିକ୍ଷାବିଭାଗ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମହଲରେ ଦାବି ହୋଇଥିଲା । ଫଳରେ ଆଜି ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ ବେହେରା ଅଭୟପୁର ପଂଚାୟତସ୍ଥ ବମ୍ପୁ-ମଙ୍ଗରାଜପୁର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ମିଶ୍ରଙ୍କୁ ନିଲମ୍ବିତ କରିଛନ୍ତି । ଏହି ବିଦ୍ୟାଳୟରେ ଶନିବାର ଦିନ ମଧ୍ୟାହ୍ନ ଭୋଜନରେ ପଚା ଅଣ୍ଡା ଖାଇ ୩ ଜଣ ଛାତ୍ର ଆହତ ହୋଇ ମେଡିକାଲରେ ଭର୍ତ୍ତି ହେବା ସହିତ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଅନ୍ୟପକ୍ଷେ ଏହି ଶନିବାର ଦିନ ଧର୍ମଶାଳା ବ୍ଲକ ହରିଦାସପୁର ପଂଚାୟତ ଶ୍ରୀବନ୍ତପୁର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ସମୟରେ ରୋଷେଇ ଦାୟିତ୍ୱରେ ଥିବା ପାଚିକାଙ୍କ ଅସାବଧାନତା ହେତୁ ଖାଦ୍ୟରେ ଝିଟିପିଟି ପଡିଯାଇଥିଲା । ଏହି ବିଦ୍ୟାଳୟର ୪୨ଜଣ ଛାତ୍ରଛାତ୍ରୀ ଖାଦ୍ୟ ଖାଇ ଅସୁସ୍ଥ ହୋଇପଡିଥିଲେ । ଖାଦ୍ୟରେ ଝିଟିପିଟି ପଡିଥିବା ଜଣାପଡିଥିଲା । ଏହି ଖାଦ୍ୟ ଖାଇ ମୁଣ୍ଡ ବୁଲାଇବାରୁ ୧୨ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକମାନେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପରେ ଅନ୍ୟ ୩୦ ଜଣଙ୍କୁ ଶିକ୍ଷକମାନେ ୧୦୮ ଆମ୍ବୁଲାନସ୍ ଯୋଗେ ଏହି ମେଡିକାଲକୁ ପଠାଇଥିଲେ । ସେମାନଙ୍କୁ ଚିକିତ୍ସା କରାଯାଇ ପରେ ସୁସ୍ଥ ହେବା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା । ହେଲେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡିଛି ।

# ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଭାରତୀୟ ପୋଷଣ କୃଷି କୋଷର ଶୁଭାରମ୍ଭ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୧୧ (ପି.ଏନ): କେନ୍ଦ୍ର ମହିଳା ଓ ଶିଶୁ ବିକାଶ ତଥା ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଜୁବିନ ଇରାନୀ ଆଜି ନୂଆଦିଲ୍ଲୀଠାରେ ବିଲ ଆଣ୍ଡ ମିଲିଣ୍ଡା ଗେଟ୍ସ ଫାଉଣ୍ଡେସନର ସହ ଅଧକ୍ଷ ବିଲ ଗେଟ୍ସଙ୍କ ସହିତ ମିଶି ଭାରତୀୟ ପୋଷଣ କୃଷି କୋଷ (ବିପିକେକେ)ର ଶୁଭାରମ୍ଭ କରିଛନ୍ତି । ବିପିକେକେ ଉନ୍ନତ ପୁଷ୍ଟିସାଧନ ପରିଣାମ ପାଇଁ ଭାରତର ୧୨୮ କୃଷି-ଜଳବାୟୁ କ୍ଷେତ୍ରରେ ବିବିଧ ପ୍ରକାରର ଫସଲର ଭଣ୍ଡାର ହେବ ।ଏହି ଅବସରରେ ବିଲ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେସନର ଭାରତସ୍ଥିତ ଦେଶୀୟ କାର୍ଯ୍ୟାଳୟର ନିର୍ଦ୍ଦେଶକ ମି. ହ୍ୟାରି ମେନନଙ୍କୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ରବୀନ୍ଦ୍ର ପନୱାର ଉଦ୍ଦେଶ୍ୟ ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଜଣାଶୁଣା କୃଷି ବୈଜ୍ଞାନିକ ଡଃ ଏମଏସ ସ୍ୱାମୀନାଥନ କହିଲେ ଯେ ଭାରତକୁ ପୁଷ୍ଟିସାଧନ କ୍ଷେତ୍ରରେ ସୁରକ୍ଷିତ କରିବା ପାଇଁ ପାଂଚ ସୂତ୍ରୀ କାର୍ଯ୍ୟ ଯୋଜନା ଲାଗୁ କରିବାକୁ ହେବ । ଡଃ ସ୍ୱାମୀନାଥନ ଆହୁରି କହିଲେ ଯେ ପୁଷ୍ଟିସାଧନ ଉପାଦାନ କମ ହେବା ଫଳରେ ଏହା ଶିଶୁଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ବାଧା ସୃଷ୍ଟି କରିଥାଏ । ସେ କୁପୋଷଣରୁ ମୁକାବିଲା କରିବା ପାଇଁ ମନ୍ତ୍ରଣାଳୟକୁ ସାମୂହିକ ସ୍ତରରେ ଏପରି ଲୋକଙ୍କ ଗୋଷ୍ଠୀ ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ, ଯେଉଁମାନଙ୍କୁ ଏହି ପାଂଚସୂତ୍ରୀୟ କାର୍ଯ୍ୟକ୍ରମ ପାଳନ କରି ମହିଳା, ଗର୍ଭବତୀ ଓ ଶିଶୁଙ୍କ ମଧ୍ୟରେ ଏହି କୁପୋଷଣ ସମସ୍ୟାର ମୁକାବିଲା କରିବା ପାଇଁ ଭଲଭାବେ ପ୍ରଶିକ୍ଷିତ କରାଯାଇ ପାରିବ । ଶ୍ରୀମତୀ ଇରାନୀ ଏହି ଅବସରରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି କହିଲେ ଯେ ଏହା ଏକ ଅପୂର୍ବ ଅବସର ଯେତବେଳେ କି ଦେଶରେ ପୁଷ୍ଟିସାଧନ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ସୂଚନା ପ୍ରଯୁକ୍ତି କ୍ଷେତ୍ରର ବୃହତ୍ କମ୍ପାନୀ, କୃଷକ ଓ ନାଗରିକ ସମାଜର ସଦସ୍ୟମାନେ ଗୋଟିଏ ମଂଚରେ ଏକତ୍ର ହୋଇଛନ୍ତି । ସେ କହିଲେ ଯେ ଏହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସବୁଜ କ୍ରାନ୍ତିର ସେହି ବାର୍ତ୍ତା ଅନୁରୂପ ଯାହା ଜରିଆରେ ଦେଶର ନାଗରିକଙ୍କ ପୁଷ୍ଟିଯୁକ୍ତ ଆହାରର ଆବଶ୍ୟକତା ତଥା ଦେଶରେ ଫସଲ ଅମଳ କରାଯିବାର ପ୍ରକ୍ରିୟା ଓ କୃଷି ଉତ୍ପାଦନ ମଧ୍ୟରେ ସାମଞ୍ଜସ୍ୟ ଅଣାଯାଇ ପାରିବ । କେନ୍ଦ୍ରମନ୍ତ୍ରୀ କହିଲେ ଯେ ସରକାର ଜଳଶକ୍ତି ନାମରେ ଏକ ଅଲଗା ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି, ଯାହାକି ଦେଶର ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବାର କାମ କରୁଛି । ସେ ପୁନଶ୍ଚ କହିଲେ ଯେ ଚଳିତ ବର୍ଷ ଡିସେମ୍ବରରେ ପୁଷ୍ଟିସାଧନ ମାସ ପାଳନ କରାଯାଇଥିଲା ଏବଂ ଗୋଟିଏ ମାସରେ ସମଗ୍ର ଦେଶରେ ୩୬ ମିଲିଅନ ପୁଷ୍ଟିସାଧନ ସମ୍ବନ୍ଧିତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେ କହିଲେ ଯେ ଦରମା ଜନିତ କ୍ଷତିର ଭରଣା କରି ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ଲାଭ ୧୦ ମିଲିଅନ ହିତାଧିକାରୀଙ୍କ ପାଖରେ ପହଂଚିଛି ଯାହାଫଳରେ ୨୦୧୩ରେ ମାତୃ ମୃତ୍ୟୁ ହାରରେ ୨୬.୯ ପ୍ରତିଶତ ହ୍ରାସ ଘଟିଛି । ଶ୍ରୀମତୀ ଇରାନୀ ପୁଷ୍ଟିସାଧନ ଲକ୍ଷ୍ୟକୁ ଜୀବନ୍ତ କରି ରଖିବାରେ ସହାୟତା କରୁଥିବା ଦେଶର ୧.୩ ମିଲିଅନ ଅଙ୍ଗନବାଡି କର୍ମୀ ଓ ରାଜ୍ୟ ଏଜେନ୍ସି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଲେ ଯେ ସେହି ଅଙ୍ଗନବାଡି ସହାୟିକା ଓ ରାଜ୍ୟର ଏଜେନ୍ସି ମାନେ ୮୫ ମିଲିଅନ ହିତାଧିକାରୀଙ୍କ ପାଖରେ ପହଂଚି ପାରିଛନ୍ତି ଏବଂ ସେମାନଙ୍କୁ ଡାସବୋର୍ଡରେ ଦୈନିକ ଅପଡେଟ ମାଧ୍ୟମରେ ସରକାରଙ୍କ ସହିତ ଯୋଡା ଯାଉଛି । କିନ୍ତୁ ଭାରତକୁ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବା ପାଇଁ ହେଲେ କାର୍ଯ୍ୟାନ୍ୱୟନକୁ ବିଜ୍ଞାନ ସହିତ ସଂଚାରର ବୈଜ୍ଞାନିକ ପ୍ରକ୍ରିୟାକୁ ଯୋଡିବାକୁ ହେବ ଯାହାଫଳରେ ସ୍ୱଚ୍ଛତା ଏବଂ ସ୍ୱଚ୍ଛ ପାନୀୟ ଜଳ ସହିତ ପୁଷ୍ଟିସାଧନ ମଧ୍ୟ ରାଜନୈତିକ ଓ ପ୍ରଶାସନିକ ଏଜେଣ୍ଡାରେ ସାମିଲ ହୋଇ ପାରିବ । ବିଲ୍ ଗେଟ୍ସ କହିଲେ ଯେ ଭାରତରେ ଯଦି ଏପରି କୌଣସି ସମସ୍ୟା ଅଛି ଯାହାର ନିରାକରଣ ବିଲ ଆଣ୍ଡ ମିଲିଣ୍ଡା ଗେଟ୍ସ ଫାଉଣ୍ଡେସନ କରିବାକୁ ଚାହିଁବ ତେବେ ତାହା ହେଉଛି ମହିଳା, ଗର୍ଭବତୀ ଓ ଶିଶୁଙ୍କ କୁପୋଷଣ ସମସ୍ୟା । ସେ କହିଲେ ଯେ ଏହି ସମସ୍ୟାର ସମାଧାନ ହେବା ଦ୍ୱାରା ଦେଶର ବିକାଶରେ ଅଭୁତପୂର୍ବ ପରିବର୍ତ୍ତନ ହେବ ଏବଂ ଏହାଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟତା ମିଳିବ । ସେ କହିଲେ ଯେ ଫାଉଣ୍ଡେସନକୁ ଦେଶରେ କୁପୋଷଣ ଆହ୍ୱାନର ମୁକାବିଲା ପାଇଁ ଏକ ସ୍ଥାୟୀ ପୁଷ୍ଟିସାଧନ କାର୍ଯ୍ୟକ୍ରମ ନିର୍ମାଣ କରିବାରେ ଭାରତ ସରକାର, ମହିଳା ଓ ଶିଶୁବିକାଶ ଏବଂ ଅନ୍ୟ ମନ୍ତ୍ରଣାଳୟ ସହିତ ମିଶି କାର୍ଯ୍ୟ କରିବାରେ ଖୁସି ମିଳିବ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଦେବାଶ୍ରୀ ଚୌଧୁରୀଙ୍କ ସହିତ କୃଷି, ମାନବ ସମ୍ବଳ ବିକାଶ, ନୀତି ଆୟୋଗ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ୟୁନିସେଫ ଓ ବିଶ୍ୱ ବ୍ୟାଙ୍କର ଅନେକ ବରିଷ୍ଠ ଅଧିକାରୀ ଓ ନାଗରିକ ସମାଜର ସଦସ୍ୟ ଉପସ୍ଥିତ ଥିଲେ ।

# କାଳିଆ ଘୋଟାଲାର ତଥ୍ୟ ପ୍ରମାଣ ସହ ଖୁଲାସା କଲା କଂଗ୍ରେସ

ଭୁବନେଶ୍ୱର, ୧୮।୧୧(ପି.ଏନ): କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ସମସ୍ତ ସଠିକ୍ ସୂଚନା କୃଷିମନ୍ତ୍ରୀଙ୍କ ପାଖରେ ମହଜୁଦ ଥିବାବେଳେ, ଜାଲିଆତିରୁ ବଂଚିବା ପାଇଁ ବିଧାନସଭା ଗୃହରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଡ. ଅରୁଣ ସାହୁ ଭୟଙ୍କର ମିଥ୍ୟା ତଥ୍ୟ ଦେଇଛନ୍ତି ବୋଲି କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ ଅଭିଯୋଗ କରିଛନ୍ତି । ସୋମବାର ଦିନ କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ତଥ୍ୟ ପ୍ରମାଣ ଦେଖାଇ ମନ୍ତ୍ରୀଙ୍କ ମିଥ୍ୟା ତଥ୍ୟର ଖୁଲାସା କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ଗତ ୧୩ ତାରିଖ ଦିନ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଉତର ରଖି ମନ୍ତ୍ରୀ ଶ୍ରୀ ସାହୁ ଗୃହକୁ ତଥ୍ୟ ଦେଇଥିଲେ ଯେ କାଳିଆ ଯୋଜନାରେ ପ୍ରଥମ କିସ୍ତି ପାଇଥିବା ମୋଟ୍ ୫୧ ଲକ୍ଷ ୫ ହଜାର ୨୯୦ ହିତାଧିକାରୀଙ୍କ ମଧ୍ୟରୁ ମୋଟ୍ ୪୫ ହଜାର ୯୬୫ ଜଣ ହିତାଧିକାରୀଙ୍କୁ ଅଯୋଗ୍ୟ ଭାବରେ ଚିହ୍ନଟ କରାଯାଇଛି । ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୧ ଲକ୍ଷ ୭୨ ହଜାର ୯୦୮ ଅଯୋଗ୍ୟ ହିତାଧିକାରୀଙ୍କ ସରକାରୀ ତଥ୍ୟ ପ୍ରଦାନ କରାଯାଇଛି । ଏଥିରୁ ସ୍ପଷ୍ଟ ଯେ ମନ୍ତ୍ରୀ ଗୃହରେ ଦେଇଥିବା ତଥ୍ୟ ୩୦ ଜିଲ୍ଲାର ମୋଟ୍ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୪୫୯୬୫ ଠାରୁ ବହୁ ଅଧିକ । ୩୦ଟି ଜିଲ୍ଲାର ଅଯୋଗ୍ୟ ହିତାଧିକାରୀଙ୍କର କେତେ ତାହା ଗତ ପର୍ଯ୍ୟାୟରେ କଂଗ୍ରେସ ଖୁଲାସା କରିବ ବୋଲି ଶ୍ରୀ ନାୟକ କହିଛନ୍ତି ।ଖୋଦ୍ ମନ୍ତ୍ରୀଙ୍କ ବିଭାଗୀୟ ସହଯୋଗୀଙ୍କ ରିପୋର୍ଟ ଦର୍ଶାଉଛି ଯେ ଜରୁରୀକାଳୀନ ପାଣ୍ଠିରୁ ଅର୍ଥ ଆଣି କିଭଳି ସରକାର ଶହ ଶହ କୋଟି ଟଙ୍କା ବାଟମାରଣା କରିଛନ୍ତି । ବିଧାନସଭାରେ ମିଥ୍ୟା ତଥ୍ୟ ରଖିବା ଏବଂ ବିଭ୍ରାନ୍ତି କରି ମନ୍ତ୍ରୀ ଶ୍ରୀ ସାହୁ ଗୃହର ଅବମାନନା କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ।





# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୧୯, ନଭେମ୍ବର ୧୯

## ଯୁବସମାଜ ନିମ୍ନଗାମୀ କାହିଁକି ?

ଦିନ ଥିଲା ଆମ ଦେଶର ଅନେକ ଯୁବସଂଗ୍ରାମୀ କ୍ରାନ୍ତିକାରୀମାନେ ନିଜର ରକ୍ତ ଓ ଲୁହ ଦେଇ ଜୀବନକୁ ବାଜି ଲଗାଇ ଯୁବକ ବୟସରେ ମାଦକତା ଓ ଆନନ୍ଦକୁ ଭୁଲିଯାଇ ସ୍ୱାଧୀନ କରିଥିଲେ । ଏ ଦେଶକୁ ଯଦ୍ଦ୍ୱାରା କି ଆମେ ଆଜି ସ୍ୱାଧୀନ ଭାବେ ଗର୍ବ କରୁଛୁ । ଆଜିର ଶିଶୁ କାଲିର ନାଗରିକ । ବର୍ତ୍ତମାନର ଯୁବସମାଜକୁ ଦେଖିଲେ ଲାଗେନାହିଁ, ସେମାନଙ୍କର ଏଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ ଅଛି । ଯୌବନର ପାହାଚରେ ମନର ଅଦମ୍ୟ ବାସନା ଓ ଅସୁମାରୀ ରଙ୍ଗୀନ ସ୍ୱପ୍ନ ଟାଣି ନେଇଛି । ସେମାନେ ଜାଣିପାରୁନାହାନ୍ତି ତାଙ୍କରି ଉପରେ ଥିବା ଆଗାମୀ ଦେଶର ଭବିଷ୍ୟତ ଓ ଦାୟିତ୍ୱବୋଧ । ଶିଶୁ ଜନ୍ମ ନେଲେ ଆରମ୍ଭ ହୁଏ ତା'ର ଦୀର୍ଘପଥର ଯାତ୍ରା । ଯାହାର ଅନ୍ତ ହୁଏ ମୃତ୍ୟୁରେ । ଏହି ପଥରେ ତା'ର ଜୀବନରେ ଆସେ ଅନେକ ପରିବର୍ତ୍ତନ । ଶିଶୁ ପରେ ସେ ହୁଏ କୈଶୋର, ତା'ପରେ ସେ ପହଞ୍ଚେ ଯୌବନରେ । ସେହି ସମୟ ହିଁ ଜୀବନର ସବୁଠାରୁ ମୂଲ୍ୟବାନ ସମୟ ଯାହାକୁ ନେଇ ଆରମ୍ଭ ହୁଏ ଜୀବିକାର ଉପକ୍ରମ । ଦେଶକୁ ଦେଖାଇ ଦିଏ କାର୍ଯ୍ୟଦକ୍ଷତା ଆଉ ଜନ୍ମଦାତା ପିତାମାତାଙ୍କର ମନରେ ଭରିଦିଏ ଅନେକ ରଙ୍ଗୀନ ଆଶା ଓ ଆକାଂକ୍ଷା । ଯୌବନରେ ପାଦ ଦେବା ପରେ ସେ ଯୁବକ ଅଥବା ଯୁବତୀ, ତାକୁ ବହନ କରିବାକୁ ପଡ଼ିଥାଏ ପରିବାର, ସମାଜ ଓ ଦେଶମାତୃକାର ଗୁରୁଦାୟିତ୍ୱ । କାରଣ ବ୍ୟକ୍ତିକୁ ନେଇ ପରିବାର, ପରିବାରକୁ ନେଇ ସମାଜ, ସମାଜକୁ ନେଇ ଦେଶ ଓ ଦେଶକୁ ନେଇ ବିଶ୍ୱ । ତେଣୁ ଯୁବସମାଜ ହିଁ ଆମ ଦେଶ ଓ ଜାତିର ମେରୁଦଣ୍ଡ । ଆମ ଦେଶ ସ୍ୱାଧୀନତାର ୨୫ ବର୍ଷ ପରେ ସବୁକ୍ଷେତ୍ରରେ ଉନ୍ନତି ଘଟିଛି । ମାତ୍ର ଆମର ବହୁ ପୁରାତନ ପ୍ରାଚୀନ ସଂସ୍କୃତି ଓ ମହାନ ପରମ୍ପରାର ପ୍ରାଚୀରକୁ ଭାଙ୍ଗି ଦେଶରେ ଦେଖାଦେଇଛି ପାଶ୍ଚାତ୍ୟ ସଭ୍ୟତା ଓ ନଗ୍ନ ଆଧୁନିକତା । ଅଶ୍ଳୀଳତାର ନଗ୍ନ ଛବି ଅଧିକ ମାତ୍ରାରେ ଗ୍ରାସ କରିଛି ଆମ ଦେଶର ଅନେକ ଯୁବକଯୁବତୀମାନଙ୍କୁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରେମବିବାହ କରୁଛନ୍ତି ଅନେକେ । ଫଳରେ ସମାଜ ଶୃଙ୍ଖଳାରେ ପ୍ରତିବନ୍ଧକ ଘଟୁଛି । ନିରକ୍ଷର ଓ ସ୍ୱାକ୍ଷରତା ହାରରେ ତାରତମ୍ୟ ରହୁନାହିଁ । ସ୍ଥାନ, କାଳପାତ୍ରରେ ବାଧ୍ୟବାଧକତା ନାହିଁ । ଯୁବକଯୁବତୀମାନେ ହୋଟେଲ, କ୍ଲବ ରେସ୍ତୋରାଁରେ ଉଶୃଙ୍ଖଳ ନାଚ ଦେଖିବାବେଳେ ରମ୍, ବିଅର, ହ୍ୱିସ୍କି, ଚରସ, ସିଗାରେଟ, ଗଞ୍ଜେଇ ଖାଇ ମତୁଆଲା ହେଉଛନ୍ତି । ଆଜିର ଯୁବକ ଯୁବତୀମାନେ ଅନେକେ ଅତ୍ୟାଧୁନିକତା ନାମରେ ଆଗେଇ ଯାଇ ପରିତ୍ୟାଗ କରୁଛନ୍ତି ସେମାନଙ୍କର ଲଜ୍ଜା ଓ ଶାଳୀନତା । ଲଜ୍ଜା ହିଁ ନାରୀର ଶ୍ରେଷ୍ଠଭୂଷଣ । ମୁଖ୍ୟତଃ ଗୁରୁଜନ ପିତାମାତାଙ୍କ ଏହା ମୁଖ୍ୟଦାୟିତ୍ୱ । ପ୍ରତିବର୍ଷ ସରକାର ରାଜସ୍ୱ ଅଧିକ ପାଇବା ପାଇଁ ସହର ଓ ମଫସଲରେ ଦେଶୀ, ବିଦେଶୀ ମଦ ଦୋକାନ ଖୋଲିବା ଦ୍ୱାରା ସ୍କୁଲ, କଲେଜ ପାଖରେ ଥିବା ହାଟ, ପାନଦୋକାନ, ପେଟ୍ରୋଲ ଦୋକାନରେ ମଦ ବିକ୍ରୀ ହେଉଅଛି । ଯୁବକମାନେ ମଦ ପାନ କରି ମତୁଆଲା ହୋଇ ନାରୀଧର୍ଷଣ, ଲୁଣ୍ଠନ, ବ୍ୟାଙ୍କ ଡକାୟତୀ ଇତ୍ୟାଦି ଭଳି ସମାଜରେ ବହୁ ଲୋମହର୍ଷଣକାରୀ ଘଟଣା ଘଟୁଛି । ଏଥିନିମନ୍ତେ ମୁଖ୍ୟତଃ ସରକାର ଦାୟୀ । ଅନ୍ୟପକ୍ଷରେ ଏହି ହିଂସ୍ର ଆଧୁନିକତାର ମୁଖ୍ୟ କାରଣ ସାଜିଛି ଆମ ନଗ୍ନ ସିନେମା । ଦେଶର ସବୁ ଅଞ୍ଚଳରେ ବିଭୀଷିକାର ଲେଲିହାନ ଶିଖା । ଆଶ୍ଚର୍ଯ୍ୟର କଥା ଆଜିର ଶିଶୁ କିଶୋର ଏସବୁ ଦେଖି ଶିଖି ଆପେଣଇ ନେଲେଣି ଏହି ଆଧୁନିକତାକୁ । ଆଜି ମଧ୍ୟ ଆମ ଦେଶର କୋଟି କୋଟି ଜନତା ଦୁଃଖ ଦାରିଦ୍ର୍ୟତାରେ କାଳାତିପାତ କରୁଛନ୍ତି । ଖାଇବାକୁ ନପାଇ ନିଜ ଶିଶୁକୁ ବିକ୍ରି କରିଦେଉଛି । ଅନାହାର ସଂଖ୍ୟା ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀ ଜନସଂଖ୍ୟା ବହୁଳ କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାର ପିଲା ବିକ୍ରି ସଂଖ୍ୟା ବେଶୀ । ଏପରି ସ୍ଥଳେ ଆଧୁନିକତାର ଦ୍ୱାହିରେ ଦେଶର ଭବିଷ୍ୟତ ଯୁବସମାଜ ନିଜ ନିଜର ଦାୟିତ୍ୱ ଭୁଲିଯିବା କ'ଣ ଉଚିତ । ଅତ୍ୟାଧୁନିକତାର ମରୀଚିକା ପଛରେ ଧାବମାନ ହୋଇ ଅର୍ଥ ଆତ୍ମସାତ୍ କରିବା କ'ଣ ପ୍ରକୃତ ପକ୍ଷେ ସ୍ମରଣୀୟ । ଦେଶ ଆଜି ସଂକଟ ମଧ୍ୟଦେଇ ଗତି କରୁଛି । ହୁଏତ ପରାଧୀନତାର ଶୃଙ୍ଖଳାରେ ବାନ୍ଧି ହୋଇ ରହିଛି । ଆଜିର ଯୁବ ସମାଜକୁ କିଛି ବୀର ଓ ସାହସୀ ସନ୍ତାନମାନଙ୍କର ବଳିଦାନର କାହାଣୀକୁ ସଗର୍ବରେ ମୁଣ୍ଡାଇକରି ଚାଲିବା ଉଚିତ । ଯୁବସମାଜ ଶକ୍ତିର ଉତ୍ସ । ସେମାନଙ୍କୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ ତଥାକଥିତ ଚଳଣିକୁ । ଆମ ପାଖରେ ଏତେବଡ଼ ଯୁବଶକ୍ତି ଥିବାବେଳେ ଆମେ କ'ଣ ଦେଶକୁ ରସାତଳଗାମୀ ହେବାରୁ ରକ୍ଷାକରି ପାରିବା ନାହିଁ । ବିଶ୍ୱର ସବୁ ଦେଶର ଲୋକ ନିଜର ଜନ୍ମମାଟିକୁ ସମ୍ମାନ ଦିଅନ୍ତି । ତେବେ ଆମେ କାହିଁକି ଆମ ଦେଶ, ଜାତିର ଉନ୍ନତିରେ ଗର୍ବ ଅନୁଭବ ନ କରିବା । ତାହା ହିଁ ହେବ ପ୍ରକୃତ ଦେଶପ୍ରେମୀ ଓ ଆମ ଜାତୀୟ ସଂହତି ସଂସ୍କୃତିର ଅସଲ ପରିଚୟ । ବର୍ତ୍ତମାନଠାରୁ ସାବଧାନ ନହେଲେ, ହୁଏତ ସମୟ ଆସିବ, ଆମେ ହରାଇ ବସିବା ଆମର ପରିଚୟ । କେବଳଗୁଡ଼ିଏ ମିଛ ପ୍ରହସନକୁ ନେଇ ବଞ୍ଚିବାକୁ ପଡ଼ିବ ଯନ୍ତ୍ରମାନବ ପରି ।

## ଆଜିର ଅନୁଚିନ୍ତା

*ଦୈହିକ ଓ ମାନସିକ କ୍ଷୁଧା ତ' ସର୍ବଦା ମେଣ୍ଟାଇ ଚାଲିଛ, ଆତ୍ମାର କ୍ଷୁଧା ମେଣ୍ଟାଇବ କେବେ ?*

## ଗୋପୀନାଥ ମହାନ୍ତି



ଓଡ଼ିଶାର ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ତଥା ଔପନ୍ୟାସିକ ଗୋପୀନାଥ ମହାନ୍ତି ୧୯୧୪ ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ଆଧୁନିକତାର ଅତ୍ୟାଚାର ସ୍ଥାନିତ ହୋଇଥିଲା । ଓଡ଼ିଆ ବ୍ୟତୀତ ଆହୁରି ଅନେକ ଭାଷାରେ ତାଙ୍କ ଲେଖାସବୁ ଅନୁଦିତ ହୋଇ ପ୍ରକାଶ ପାଇଛି । ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ପରେ ପରେ ଗୋପୀନାଥଙ୍କ ଲେଖାଲେଖି ଆରମ୍ଭ ହୋଇଥିଲା । ସେ ସମୟର ସାଧାରଣ ଲୋକ, ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିଙ୍କ ଗାଉଁଲି, ସରଳ ଜୀବନଧାରଣ ଆଦି ତାଙ୍କ ରଚନାକୁ ସମୃଦ୍ଧ କରିଥିଲା । ତାଙ୍କ ଲେଖାରେ ଓଡ଼ିଆ ଚଳଣି, ସମତଳ ଓ ପାହାଡ଼ି ଜୀବନର କାହାଣୀ ତଥା ସାଧାରଣ ମଣିଷର କଥାଭାଷା ଆଦି ବ୍ୟବହାର ଦେଖିବାକୁ ମିଳେ । ସେ ଅନେକ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ନାଟକ ଏବଂ ଆତ୍ମଜୀବନୀ ଲେଖିଛନ୍ତି । ଲିଓ ଟଲଷ୍ଟୟଙ୍କ 'ୱାର୍ ଆଣ୍ଡ ପିସ୍'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ଏହାଛଡ଼ା ଟାଗୋର୍‌ଙ୍କ 'ଯୋଗାଯୋଗ'କୁ ମଧ୍ୟ ସେ ଅନୁବାଦ କରିଥିଲେ । ଗୋପୀନାଥଙ୍କ ପ୍ରମୁଖ ରଚନା ମଧ୍ୟରେ ମନ ଗହୀର ଚାଷ, ପରଜା, ଦାଦିବୁଢ଼ା, ଅମୃତର ସନ୍ତାନ, ଛାଇଆଲୁଅ, ଦାନାପାଣି, ଲୟ ବିଲୟ, ହରିଜନ, ଅପହଞ୍ଚ, ପାହାନ୍ତା, ଗୁପ୍ତଗଙ୍ଗା, ବୁନ୍ଦାଏ ପାଣି ଇତ୍ୟାଦି ଅନ୍ୟତମ । ମୁକ୍ତିପଥେ, ଦିନ ଦିପହରେ ତଥା ମହାପୁରୁଷ ତାଙ୍କର ତିନୋଟି ପ୍ରମୁଖ ନାଟକ ଥିଲା । ତାଙ୍କ ଲେଖାଶୈଳୀ ଏତେ ଉଚ୍ଚକୋଟୀର ଥିଲା ଯେ ଲୋକେ ଆଜି ବି ସେସବୁକୁ ଝୁରି ହେଉଛନ୍ତି । ୧୯୯୧ ମସିହା ଅଗଷ୍ଟ ୨୦ ତାରିଖରେ ଏହି କାଳଜୟୀ ପ୍ରତିଭାଙ୍କ ନିଧନ ହୋଇଥିଲା ।

**ଡଃ. ଅରୁନ୍ଧତୀ ଦେବୀ**, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ରାଜନୈତିକ ସମାଲୋଚକମାନଙ୍କ ମତାମତରୁ ଶିକ୍ଷା



ଅଚ୍ୟୁତ ଦାସ

ବିଶ୍ୱ ରାଜନୀତିର ରଙ୍ଗମଞ୍ଚରେ ପ୍ରତିମୁହୂର୍ତ୍ତରେ ଯାହାକିଛି ଅଭିନୀତ ହେଉଛି ତାହା ଉପରେ ଆଲୋଚନା, ସମାଲୋଚନା ଓ ପର୍ଯ୍ୟାଲୋଚନା ତତ୍‌କ୍ଷଣାତ ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ଆଜିକାଲି ଇଲେକ୍‌ଟ୍ରୋନିକ ମିଡିଆର ବହୁଳ ପ୍ରଭାବ ଏବଂ ଇଣ୍ଟରନେଟ୍ ଆଦିର ବ୍ୟାପକ ପ୍ରସାର ଯୋଗୁଁ ଏବେ କାହାକୁ ବିଶେଷ ଅପେକ୍ଷା କରିବାକୁ ପଡୁନାହିଁ । ଆଗରୁ ଦେଶ ବିଦେଶରେ ଏଇ ଧରଣର ସମାଲୋଚନା ଖବରକାଗଜର ସାପ୍ତାହିକ ସ୍ତମ୍ଭ ଓ ପାକ୍ଷିକ ବା ସାପ୍ତାହିକ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । ଏକ ଘଟଣା ପ୍ରବାହ ସୀମିତ ଆଗ୍ରହ ସୃଷ୍ଟି କରିଥାଏ । ଘଟଣାଟି ପୁରୁଣା ହୋଇଗଲେ ତାହାପ୍ରତି କାହାର ଦୃଷ୍ଟି ପଡେନାହିଁ । ଏଇଥିପାଇଁ ରାଜନୈତିକ ସମାଲୋଚକମାନେ ଖୁବ୍ ତତ୍‌ପରତାର ସହ ନିଜର ମତାମତ ନିର୍ଦ୍ଦିଷ୍ଟ ଢ଼ଙ୍ଗରେ ନିର୍ଦ୍ଦିଷ୍ଟ ପାଠକ ବା ଶ୍ରୋତା ବା ଦର୍ଶକଙ୍କ ଆଗରେ ଉପସ୍ଥାପନା କରିଥାଆନ୍ତି । ବେଳେବେଳେ ଏଇ ସମାଲୋଚକମାନଙ୍କର ବିଭିନ୍ନ ମତବାଦ ପ୍ରତି ସମର୍ଥନ ଥିବାରୁ, ମତାମତରେ ଅନେକ ଗୁଣାତ୍ମକ ଓ ଭାବାତ୍ମକ ପାର୍ଥକ୍ୟ ଥାଏ । ବାମପନ୍ଥୀ ସମାଲୋଚକମାନେ ଋଷିଆ, ଚୀନ ବା କ୍ୟୁବା କଥା ଆଲୋଚନା ବେଳେ ଯେଉଁ ସତର୍କତା ଅବଲମ୍ବନ କରନ୍ତି, ଦକ୍ଷିଣପନ୍ଥୀ ସମାଲୋଚକମାନେ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଆଲୋଚନା ବେଳେ ସେଇ ଭଳି ସତର୍କତାକୁ ଆପଣାର କରିଥାଆନ୍ତି । ପୃଥିବୀର ସବୁ ସଂଘର୍ଷମାନଙ୍କୁ ଏଇଭଳି ଦୃଷ୍ଟିରେ ଦେଖାଯାଏ ଓ ବେଳେବେଳେ ବିଶ୍ୱଜନମତକୁ ବିଭ୍ରାନ୍ତ କରିବା ପାଇଁ ଏଇ ରାଜନୈତିକ ସମାଲୋଚକମାନେ ବିଭିନ୍ନ ପ୍ରକାର ଯୁକ୍ତିର ରଣନୀତି ଓ ଭାଷାର ଆଶ୍ରୟ ନେଇଥାଆନ୍ତି । ଉଦାହରଣ ସ୍ୱରୂପ, ଇସ୍ରାଏଲ୍‌ର ପାଲେଷ୍ଟାଇନ୍ ଉପରେ ଆକ୍ରମଣ, ଯୁକ୍ତରାଷ୍ଟ୍ର ଆମେରିକାର ଇରାକ୍ ଉପରେ ଆକ୍ରମଣ ସୋଭିଏତ୍ ୟୁନିଅନ୍‌ର ଆଫଗାନିସ୍ଥାନ ଆକ୍ରମଣ ଆଦି ଉପରେ ରାଜନୈତିକ ସମାଲୋଚକମାନଙ୍କର ଦୃଷ୍ଟିକୋଣରେ ଅନେକ ଫାଙ୍କ ରହିଛି । ଅବଶ୍ୟ ରାଜନୈତିକ ସମାଲୋଚନା କେବଳ ରାଜନୀତି ବିଜ୍ଞାନୀଙ୍କ ଭିତରେ ସୀମିତ ହୋଇ ରହିନାହିଁ । ଏଥିରେ ଲେଖକ, ବୈଜ୍ଞାନିକ, ନୃତତ୍ତ୍ୱବିତ୍, ଅର୍ଥନୀତିଜ୍ଞ, ଦାର୍ଶନିକ, ରାଜନୈତିକ ନେତୃତ୍ୱ, ସାମ୍ବାଦିକ, ପରିବେଶବିତ୍ ଓ ଐତିହାସିକ ସାମିଲ୍ ହୋଇଛନ୍ତି । ସାମ୍ପ୍ରତିକ ବିଶ୍ୱରେ ଏଇ ସମାଲୋଚକମାନଙ୍କର ଏକ ତାଲିକା କରାଗଲେ ସେମାନଙ୍କ ଭିତରେ ଲେଖକମାନେ ସ୍ଥାନ ପାଇବେ । ସେମାନଙ୍କ ଭିତରେ ଅଛନ୍ତି ନାଇଜେରିଆର ଚିନୁଆ ଆଚେବୀ, ଦକ୍ଷିଣ ଆଫ୍ରିକାର କୋଏତ୍‌ସି, ଇଟାଲୀର ଉମ୍ବେର୍ଟୋ ଇକୋ, ଯୁକ୍ତରାଷ୍ଟ୍ର ଆମେରିକାର ଟମାସ୍ ଫ୍ରୀଡ଼ମାନ୍, ଫ୍ରାନ୍‌ସିସ୍ ଫୁକୁୟାମା, ସାମୁଏଲ୍ ହଣ୍ଟିଂଟନ୍, ପେରୁର ମାରିଓ ଭାର୍ଗାସ୍ ଲୋସା, ବ୍ରିଟେନ୍‌ର ସଲମାନ୍ ରୁସଦୀ । ବିଶିଷ୍ଟ ଅର୍ଥନୀତିଜ୍ଞମାନଙ୍କ ଭିତରେ ସ୍ଥାନ ପାଇବେ ଜଗଦୀଶ୍ ଭଗବତୀ, ଜେଫରୀ ସାକ୍‌ସ, ଅମର୍ତ୍ତ୍ୟସେନ୍ ଓ ଐତିହାସିକମାନଙ୍କ ଭିତରେ ସ୍ଥାନ ପାଇବେ ହବ୍‌ସବମ୍, ପଲ୍ କେନେଡି । ବିଶିଷ୍ଟ ବୁଦ୍ଧିଜୀବୀଙ୍କ ଭିତରେ ସ୍ଥାନ ପାଇବେ ନୋଆମ୍ ଚମସ୍କି, ଅରୁନ୍ଧତୀ ରାୟ, ନାଓମୀ କ୍ଲେଇନ୍ । ଏଇଭଳି ଭାରତରେ ଖ୍ୟାତି ଅର୍ଜନ କରିଥିବା ରାଜନୈତିକ ସମାଲୋଚକମାନଙ୍କ ଭିତରେ ଅଛନ୍ତି କୁଲଦୀପ୍ ନାୟାର, ଗିରିଲାଲ୍ ଜୈନ, ପ୍ରାଣ ଚୋପ୍ରା, ଚୋ ରାମସ୍ୱାମୀ, ଏ.ଜି.ନୁରାନୀ, ପ୍ରେମ ଶଙ୍କର ଝା ଓ ପ୍ରଫୁଲ୍ଲ ବିଦୱାଇ । ମୁଁ ଛାତ୍ରଥିବା ବେଳେ ସମ୍ବାଦପତ୍ରମାନଙ୍କର ନିୟମିତ ମତାମତ ଉପସ୍ଥାପନା କରୁଥିବା ସମାଲୋଚକମାନଙ୍କ ଭିତରେ ଥିଲେ ମିନୁମାସାନୀ, ରଜନୀ କୋଠାରୀ, ଏନ୍.ଜେ.ନାନ୍‌ପୁରିଆ, ଭି.ଜି.ଭର୍ଗୀସ୍, ଶ୍ୟାମ୍‌ଲାଲ୍ ଆଦି ବିଶିଷ୍ଟ ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ । ସେମାନଙ୍କର ବିଭିନ୍ନ ବିଶ୍ଳେଷଣାତ୍ମକ ପ୍ରବନ୍ଧଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ଏକ ଅସମ୍ଭବ ଆଗ୍ରହ ସୃଷ୍ଟି ହୋଇଥିଲା ଓ ଦେଶବିଦେଶର ଘଟଣା ପ୍ରବାହ ଭିତରେ ରାଜନୀତି କେମିତି ଫେଣ୍ଟାଫେଣ୍ଟି ହୋଇରହିଛି ତାହା ବୁଝି ହେଉଥିଲା । ଗଣତନ୍ତ୍ର ଆମରି ଦେଶରେ ସମୃଦ୍ଧ ସମ୍ଭବତଃ ଏଇଥିପାଇଁ ଯେ, ବୁଦ୍ଧିଜୀବୀମାନେ ସେମାନଙ୍କର ସ୍ୱଷ୍ଟମତ ପ୍ରକାଶ କରିବାକୁ ସୁଯୋଗ ପାଉଥିଲେ । ଗତ କେତେବର୍ଷ ଧରି ମୁଁ ସବୁଠାରୁ ବେଶି ଆକର୍ଷିତ ହୋଇଥିବା ରାଜନୈତିକ ସମାଲୋଚକଙ୍କ ନାମ ହେଉଛି ଟି.ଜେ.ଏସ୍. ଜର୍ଜ (TJS Geroge) ତାଙ୍କର ଶାଣିତ ଓ ସ୍ୱଷ୍ଟ ମତାମତ ଇଣ୍ଡିଆନ୍ ଏକ୍‌ସପ୍ରେସ ଦୈନିକ ସମ୍ବାଦପତ୍ରରେ ସାପ୍ତାହିକ ସ୍ତମ୍ଭ ହିସାବରେ ପ୍ରକାଶିତ ହୋଇଥିଲା । ଏହା ରବିବାସରୀୟ ପ୍ରବନ୍ଧ ହିସାବରେ ଅନେକ ପାଠକଙ୍କୁ ପ୍ରଭାବିତ କରୁଥିଲା । ଏହି ପ୍ରବନ୍ଧଗୁଡ଼ିକୁ ସଙ୍କଳିତ କରାଯାଇ ଏକ ପୁସ୍ତକ ପ୍ରକାଶିତ ହୋଇଛି ଯାହାର ନାମ ହେଉଛି – ଦି ଫାଷ୍ଟ ରିଫ୍ୟୁଜ୍ ଅଫ୍ ସ୍କାଉଣ୍ଡ୍ରେଲ୍‌ସ୍ (The First Refuge of Scoundrels) । ସାମ୍ପ୍ରତିକ ଭାରତୀୟ ରାଜନୀତି ଏବଂ ଜୀବନ ଉପରେ ଏହି ପ୍ରବନ୍ଧଗୁଡ଼ିକ ସଙ୍କଳିତ କରାଯାଇ ଏବଂ ଜୀବନ ଉପରେ ଏହି ପ୍ରବନ୍ଧ ଗୁଡ଼ିକ ଏକ ଅଭିନବ ସମାଲୋଚନା ବୋଲି ଯେକୌଣସି ପାଠକ ନିଶ୍ଚିତଭାବେ ହୃଦୟଙ୍ଗମ କରିବ । ବିଖ୍ୟାତ ଇଂରାଜୀ ଲେଖକ ଓ ପ୍ରାବନ୍ଧିକ ସାମୁଏଲ ଜନସ୍‌ଙ୍କ "ପାଟ୍ରିଓଟିଜିମ୍ ଇନ୍ ଦି ଲାଷ୍ଟ ରିଫ୍ୟୁଜ୍ ଅଫ୍ ଏ ସ୍କାଉଣ୍ଡ୍ରେଲ" (Patriotism in the Last Refuge of a Scoundrel) ଢ଼ାଞ୍ଚାରେ ଏ ବହିଟିର ନାମ କରଣ କରାଯାଇଛି । ପ୍ରବନ୍ଧଗୁଡ଼ିକ ବିଶେଷ ଭାବରେ "ଇଣ୍ଡିଆ ଓ ଭାରତ" ଭିତରେ ପାର୍ଥକ୍ୟ, ନିର୍ବାଚନ, କ୍ଷମତା, ଧର୍ମ, ଜୀବନର ମାନ ଆଦି ବିଷୟ ଉପରେ ଆଧାରିତ । ଆଉ ଏକ ବହୁ ଚର୍ଚ୍ଚିତ ବିଷୟ ହେଉଛି ଦୁର୍ନୀତି । ଆମର ଗଣତନ୍ତ୍ର ଆରମ୍ଭ ହୁଏ ଗାଁରୁ ଏବଂ ପଲ୍ଲୀସଭାରୁ ଓ ଶେଷ ହୁଏ ଯାଇ ପାର୍ଲିଆମେଣ୍ଟରେ । ପ୍ରତିସ୍ତରରେ ଭରି ରହିଥାଏ ଏକ ସୁଚିନ୍ତିତ ଯୋଜନା- କ୍ଷମତା ହାସଲ ଓ ସ୍ୱାର୍ଥପରତା । ୱାର୍ଡମେମ୍ବର ହେଉ ବା ପ୍ରଧାନମନ୍ତ୍ରୀ ହୁଅନ୍ତୁ – ଏହାଛଡ଼ା ଅନ୍ୟକିଛି ଅର୍ଥ ନାହିଁ । ଟି.ଜେ.ଏସ୍ ଜର୍ଜ ପାଠକମାନଙ୍କୁ ପଚାରିଛନ୍ତି ଯେ ଆମ ଗଣତନ୍ତ୍ରରେ ଦୁର୍ନୀତି କାହିଁକି ଏକ ପ୍ରଶ୍ନ ହୋଇ ଉଠୁନାହିଁ ? ଆଜିକାଲି ନିର୍ବାଚନରେ ଅଧିକ ମାତ୍ରାରେ କଳାଧନ ଓ ବାହୁବଳ, ପ୍ରଚାରର ଅସ୍ତ୍ରରୂପେ ବ୍ୟବହାର କରାଯାଉଛି । ଏଇ ପ୍ରଚାରରେ ଅପରାଧୀ, ଗୁଣ୍ଡାଶ୍ରେଣୀୟ ଚରିତ୍ର ଏବଂ ନ୍ୟାୟାଳୟରେ ଦଣ୍ଡିତ ହୋଇଥିବା ବ୍ୟକ୍ତିମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । କେହି ଜଣେ ହେଲେ ପ୍ରଶ୍ନ କରୁନାହାନ୍ତି ଯେ ଏମାନେ କିପରି ନିର୍ବାଚନୀ ପ୍ରଚାରରେ ଭାଗ ନେଉଛନ୍ତି ? ସେମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସୀ ରୂପେ କାମକରି ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରାଉଛନ୍ତି । ଏଇ ବିଜୟକୁ ଜନତାର ବିଜୟ ବୋଲି ନାମିତ କରାଯାଉଛି । ଅର୍ଥାତ୍ ଜନତାର ଦରବାରରେ ପ୍ରାର୍ଥୀଟି ଜୟଲାଭ କରିବାର ସମ୍ମାନରେ ଅଧିକାରୀ ହୋଇଛନ୍ତି । ଆସନ୍ତା ପାଞ୍ଚବର୍ଷ ପାଇଁ ସେ ଏ ମକୁଟ ପିନ୍ଧିବାର ଗୌରବ ଅର୍ଜନ କରିଛନ୍ତି । ତାଙ୍କୁ ଚ୍ୟାଲେଞ୍ଜ୍ କରିବ କିଏ ? ପ୍ରାର୍ଥୀମାନେ ସେମାନଙ୍କର ଅପରାଧର ଇତିହାସ ନିର୍ବାଚନରେ ଲଢ଼ିବା ପୂର୍ବରୁ ସର୍ବସାଧାରଣରେ ପ୍ରକାଶ କରିବା ଉଚିତ ବୋଲି ଦାବୀ ହୋଇଛି । ଅସଲ କ୍ଷେତ୍ରରେ ଦେଖାଯାଉଛି ଯେ ଅନେକ ପ୍ରାର୍ଥୀ ସେମାନଙ୍କର ଇତିହାସକୁ ଲୁଚାଇ ମିଥ୍ୟା ତଥ୍ୟ ପରିବେଷଣ କରୁଛନ୍ତି । ଏକଥା ସତ, ଦୁର୍ନୀତିଗ୍ରସ୍ତ ରାଜନୈତିକ ନେତାମାନଙ୍କର ବିରୁଦ୍ଧରେ ଅନେକ ପ୍ରତିବାଦର ସ୍ୱର ଉଠୁଛି । ନ୍ୟାୟାଳୟ ମାନଙ୍କରେ ହେଉ ବା ଭିଜିଲାନ୍‌ସ କମିଶନରଙ୍କ ଦପ୍ତର ହେଉ, ନିର୍ବାଚନ କମିଶନ ହେଉ ଅଥବା ସାମାଜିକ ଅନୁଷ୍ଠାନମାନେ ହୁଅନ୍ତୁ – ଦୁର୍ନୀତିଗ୍ରସ୍ତ ରାଜନେତାମାନଙ୍କର ଅସଲରୂପ ଉନ୍ମୋଚିତ ହେବାକୁ ଅବଶ୍ୟ ପ୍ରୟାସ କରିଆସୁଛନ୍ତି । କିନ୍ତୁ, ଏଯାବତ୍ ଆବଶ୍ୟକ ସଫଳତା ହାସଲ କରିପାରି ନାହାନ୍ତି ବୋଲି ଟି.ଜେ.ଏସ୍ କହିଛନ୍ତି । ତାଙ୍କର ମତାମତ ହେଲା ଯେ ଦୁର୍ନୀତି ଅସ୍ଥିମଜାଗତ ହୋଇଯାଇଛି । ଦୁର୍ନୀତିର ଚେର ଅନେକ ଗଭୀରକୁ ପ୍ରବେଶ କରିଛି । ସାଧାରଣ ଜୀବନରେ ଏହା ଯେମିତି ଏକ ନିତିଦିନିଆ କଥା ହୋଇଯାଇଛି । ଏଇଥିପାଇଁ ସାଧାରଣ ଲୋକେ ଏଥିପ୍ରତି କୌଣସି ପ୍ରତିକ୍ରିୟା ଦେଖାଉନାହାନ୍ତି । ପାଣି ଦେଉଥିବା ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଟି ମାସକୁ ମାସ ତାହାର ପ୍ରାପ୍ୟ ନେଇଯାଉଛି । ଯେଉଁ ମାସରେ ତାହା ନମିଳିବ ସେ ମାସରେ ଜଳଯୋଗାଣର ଗୁରୁତର ବ୍ୟାଘାତ ହେବ । କୌଣସି ପୂଜାପାର୍ବଣ ହେଉଛି, ବିଦ୍ୟୁତ କର୍ମଚାରୀଙ୍କୁ ହାତମାସୁଲି ଦେବାକୁ ହେବ । ନହେଲେ ଉତ୍ସବ ଭିତରେ ଲାଇନ୍ କଟିଯିବ । ମୋଟର ଯାନ ଅଫିସରେ ହାତଗୁଞ୍ଜା ନ ଦେଲେ କିଛି କାମ ହେବ ନାହିଁ । ଆଜିକାଲି ଗ୍ରାମାଞ୍ଚଳରେ ବି.ପି.ଏଲ୍ କାର୍ଡ ପାଇଁ ହଜାରେ ଟଙ୍କା, ଇନ୍ଦିରା ଆବାସ ପାଇଁ ତିନିହଜାର ଏବଂ ଟଙ୍କା ବ୍ୟାଙ୍କ ଋଣ ପାଇଁ ଶତକଡ଼ା ଦଶଭାଗ ଲାଞ୍ଚ ଦେବାକୁ ହେବ । ଏପରିକି ଆଦିବାସୀ ଅଞ୍ଚଳରେ ଆଶ୍ରମ ସ୍କୁଲମାନଙ୍କରେ ନାମଲେଖା ପାଇଁ କେତେଶହ ଟଙ୍କା ଶିକ୍ଷକମାନଙ୍କୁ ଲାଞ୍ଚ ନଦେଲେ ନାମ ଲେଖା ହୋଇ ପାରିବ ନାହିଁ । ଉଚ୍ଚସ୍ତରରେ କେଉଁଭଳି ଦୁର୍ନୀତି ହେଉଥିବ ତାହା ଏଇସବୁ ଉଦାହରଣରୁ ଜଣାପଡେ । ବିକାଶ କ୍ଷେତ୍ରରେ ଟଙ୍କାର ୧୬ ପଇସା ବା ତାହାଠାରୁ କମ୍ ଗରିବ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ଜଣେ ସହଜରେ ଅନୁମାନ କରିପାରିବ । ଏଇଥିପାଇଁ ରାଜନୈତିକ ନେତାମାନଙ୍କର ଦୁର୍ନୀତିକୁ କେହି ପ୍ରତିବାଦ କରୁନାହାନ୍ତି । ଟି.ଜେ.ଏସ୍. ଜର୍ଜ ଏଥିପାଇଁ କହିଛନ୍ତି ଯେ ଆମ ଦେଶ ଦୁର୍ନୀତିଗ୍ରସ୍ତ ନେତା, ତାଙ୍କର ପୁତ୍ରସନ୍ତାନ ଓ ସଖା ସୋଦରମାନଙ୍କ ଦ୍ୱାରା ଶାସିତ ହେବାକୁ ଯେମିତି ଆମର ଭାରତବାସୀ ଅଭିଶାପଗ୍ରସ୍ତ ହୋଇଛନ୍ତି ।

ଆଉ ଏକ ପ୍ରବନ୍ଧରେ ଟି.ଜେ.ଏସ୍. ଜର୍ଜ କୁଖ୍ୟାତ ହର୍ସଦ୍ ମେହେଟ୍ଟା ଉପାଖ୍ୟାନ ବର୍ଣ୍ଣନା କରି କହିଛନ୍ତି ଯେ ହର୍ସଦ ମେହେଟ୍ଟା ବା ଏଚ୍.ଏମ୍.(HM)ଙ୍କୁ ବି ଫହିଜ୍ ମ୍ୟାଜେଷ୍ଟି' (His Majesty) କୁହାଯାଇପାରେ । ବୁଦ୍ଧିମାନ ସେ ସବୁ ଦୃଷ୍ଟିରେ । ଯାହାକିଛି କରିଛନ୍ତି ସବୁକ୍ଷେତ୍ରରେ ସେ ଅସାଧାରଣ ଓ ମୌଳିକ ଉପାୟ ପ୍ରଦର୍ଶନ କରିଛନ୍ତି । ସାମ୍ପ୍ରତିକ ଭାରତୀୟ ସମାଜର ସେ ଭାଗ୍ୟବାନ୍ ପିଲା । ସେ ଜଗତୀକରଣ ଓ ଉଦାରୀକରଣର ଅସଲ ପ୍ରତୀକ । ବ୍ୟବସାୟ କରିବାର ଅଦ୍ୱିତୀୟ କଳା ତାଙ୍କର ଥିଲା । ସେ ଥିଲେ ପୁଞ୍ଜିବାଦର ପ୍ରକୃତ ଉଦାହରଣ । ନୂତନ ପୀଢ଼ିର ସେ ନୂତନ ବର୍ତ୍ତିକା । ସେ ନିଜପଣିଆର ସବୁକିଛି । କିନ୍ତୁ ଅସଲରେ ହର୍ସଦ୍ ମେହେଟ୍ଟା ଏକାକୀ ନଥିଲେ । ଭାରତସାରା ତାଙ୍କ ଭଳି ଅନେକ ତାଙ୍କର ଭୂମିକା ଗ୍ରହଣ କରିଥିଲେ । ସେ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କୁ ଏକ କୋଟି ଟଙ୍କା ସୁଟ୍‌କେଶରେ ଭରି କିଭଳି ଉପହାର ଦେଇଥିଲେ ତାହା ଏକ ସାମ୍ବାଦିକ ସମ୍ମିଳନୀ ଡାକି ପ୍ରଦର୍ଶନ କରିଥିଲେ । ଧନ୍ୟ ହର୍ସଦ ମେହେଟ୍ଟା । ଧନ୍ୟ ତୁମେ ଦୁର୍ନୀତିର ପତକା ଉତ୍ତୋଳନ କରିଥିବା ଯୋଗୁଁ ।

ଭାରତର ଅଗଣିତ ଗାଆଁମାନଙ୍କରେ କୋଟି କୋଟି ଗରିବଙ୍କ ବିକାଶ ଏଇ ଦୁର୍ନୀତି ଯୋଗୁଁ ସମ୍ଭବ ହେବନାହିଁ ବୋଲି ମୁଁ ସବୁବେଳେ ବିଶ୍ୱାସ କରିଛି । ଅନେକ ଯୋଜନା, ନୀତି ଓ ଆଇନ ପ୍ରଣୟନ କରାଯାଉଛି ଦାରିଦ୍ର୍ୟ ଦୂରୀକରଣ ପାଇଁ । ଅଜସ୍ର ଅର୍ଥବ୍ୟବସ୍ଥା ମଧ୍ୟ କରାଯାଉଛି । କିନ୍ତୁ ସେସବୁ ଗରିବଙ୍କ ପାଖରେ ପହଞ୍ଚି ନାହିଁ ଏବଂ ଯେ ପର୍ଯ୍ୟନ୍ତ ଦୁର୍ନୀତିର ବ୍ୟାଧି ଲାଗି ରହିଥିବ, ସେ ପର୍ଯ୍ୟନ୍ତ ଏହା ପହଞ୍ଚିବ ନାହିଁ । ଏବେ ରାଷ୍ଟ୍ରପତି ଓବାମା ଆଫ୍ରିକା ଗସ୍ତରେ ଯାଇ ଘାନା ଦେଶରେ ପହଞ୍ଚିଥିଲେ ଓ ଆଫ୍ରିକାର ବିକାଶ ପାଇଁ କେତୋଟି ପ୍ରସ୍ତାବ ଦେଇଥିଲେ । ଜି-୮ ଦେଶମାନେ ଆଫ୍ରିକାର ବିକାଶ ପାଇଁ କେମିତି ଅଙ୍ଗୀକାରବଦ୍ଧ ତାହାର ସୂଚନା ମଧ୍ୟ ଦେଇଥିଲେ । ଆଫ୍ରିକାବାସୀମାନେ ଏହାର ସ୍ୱାଗତ କରିଥିବେ ନିଶ୍ଚିତ । କିନ୍ତୁ ଜଣେ ରାଜନୈତିକ ସମାଲୋଚକ ରାଷ୍ଟ୍ରପତି ଓବାମାଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଆର୍ଥିକ ସାହାଯ୍ୟ ଆଫ୍ରିକାର ସ୍ୱାଗତଯୋଗ୍ୟ କିନ୍ତୁ, ଯେପର୍ଯ୍ୟନ୍ତ ଆଫ୍ରିକାର ଦୁର୍ନୀତିଗ୍ରସ୍ତ ଶାସକବର୍ଗଙ୍କୁ ଜି-୮ ଦେଶମାନେ ସାହାଯ୍ୟ କରିଆସୁଥିବେ, ସେ ପର୍ଯ୍ୟନ୍ତ ଏ ସାହାଯ୍ୟର କୌଣସି ମୂଲ୍ୟନାହିଁ । ସେ ଉଦାହରଣ ଦେଇ କହିଥିଲେ ଯେ ନାଇଜେରିଆ ତୈଳ ଓ ପେଟ୍ରୋଲିୟମରୁ କୋଟି କୋଟି ଟଙ୍କା ଆୟକରୁଛି ଅଥଚ ଏହାର ଶାସକବର୍ଗ ଏହାକୁ କେଉଁଭଳି ବିନିଯୋଗ କରୁଛନ୍ତି ? ନାଇଜେରିଆ ଆଜି ଆଫ୍ରିକାର ଅନ୍ୟତମ ଗରିବ ଦେଶ ବୋଲି ନାମିତ ହୋଇଛି ।

ଭାରତରେ ଗଣତନ୍ତ୍ର ଥାଇ ମଧ୍ୟ ଦାରିଦ୍ର୍ୟ ଦୂରୀକରଣ ହେବ ନାହିଁ ଯେପର୍ଯ୍ୟନ୍ତ ଶାସକ ଓ କ୍ଷମତାଶାଳୀବର୍ଗ ଦୁର୍ନୀତିରେ ଲିପ୍ତ ହୋଇ ରହିଥିବେ । ସବୁ ଆଇନକାନୁନ୍ ଓ ପରମ୍ପରା ସତ୍ତ୍ୱେ ଗରିବଙ୍କ ସଂଖ୍ୟା ଏ ଦେଶରେ ବଢୁଥିବ । କାହିଁକି ଏହା ହେଉଛି ଆମର ରାଜନୈତିକ ସମାଲୋଚକମାନେ ବିଶ୍ଳେଷଣ କରି ସାଧାରଣ ଜନତାଙ୍କୁ ଯଦି ସଚେତନ ନକରିବେ, ତେବେ ଏ ଦେଶରୁ ଗରିବୀ ହଟିବ ନାହିଁ କି ଏ ଦେଶ ସ୍ୱାବଲମ୍ବୀ ହୋଇ ପାରିବ ନାହିଁ ।

ନିର୍ଦ୍ଦେଶକ, ଅଗ୍ରଗାମୀ, କାଶୀପୁର, ରାୟଗଡ଼ା – ୭୬୫୦୧୫

# ବଦ୍ରିନାଥ ଦର୍ଶନ

●●●●●●●●●●●●●ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ●●●●●●●●●●●●



ପୂର୍ବରୁ ଶ୍ରୀକ୍ଷେତ୍ର ପୁରୀ, ପଶ୍ଚିମରେ ଦ୍ୱାରିକା, ଦକ୍ଷିଣରେ ରାମେଶ୍ୱରମ୍ ଓ ଉତ୍ତରରେ ପ୍ରସିଦ୍ଧ ବଦ୍ରିନାଥ ଧାମ; ଭାରତର ପବିତ୍ର ଚାରିଧାମ ଭାବରେ ପରିଚିତ । ପ୍ରଥମ ତିନିଧାମ ଦର୍ଶନ କରି ସାରିବା ପରେ ସୁଦୂର ଉତ୍ତରାଖଣ୍ଡ ରାଜ୍ୟରେ ଅବସ୍ଥିତ ଭଗବାନ ବିଷ୍ଣୁଙ୍କ ପବିତ୍ର ମନ୍ଦିର ଦର୍ଶନ କରିବା ପାଇଁ ୨୦୧୬ ମସିହା ଜୁନ୍ ମାସ ୨୦ ତାରିଖରେ ବଦ୍ରିନାଥଧାମ ଯାତ୍ରା କଲୁ । ଏଥିରେ ମୋ ସ୍ୱାମୀଙ୍କ ସହ ଆଉ ଚାରିଜଣ ତୀର୍ଥଯାତ୍ରୀ ସାମିଲ ହେଲେ । ଆଗରୁ ଏକାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ସରିଥିଲା । ତେଣୁ ଏକା ସାଙ୍ଗରେ କେଦାରନାଥ ଦର୍ଶନ କରିବା ପାଇଁ ସ୍ଥିର କଲୁ । ଗତ ସଂଖ୍ୟାରେ କେଦାରନାଥ ଦର୍ଶନ ଉପରେ ମୋର ଭ୍ରମଣ କାହାଣୀ ପ୍ରକାଶିତ ହୋଇଛି । ବହୁତ ଲୋକଙ୍କର ବିଚାର ଯେ, ଯଦି ଭଗବାନ ସର୍ବବ୍ୟାପକ ତେବେ ସୁଦୂର ମନ୍ଦିର ଯାତ୍ରାର ଆବଶ୍ୟକତା କ'ଣ ? ଜଣେ ଯଦି ଦୁଇଗୋଡ଼ରେ ଚାଲିପାରେ, ସେ ବାଡ଼ିର ସାହାଯ୍ୟ ନିଏ ନାହିଁ, କିନ୍ତୁ ଯାହାର ସାମର୍ଥ୍ୟ ନାହିଁ ତାହାର ସାହାଯ୍ୟ ଦରକାର ହୁଏ । ଶାରୀରିକ ସ୍ତରରେ ଯେପରି ସାହାରା ଆବଶ୍ୟକ, ମାନସିକ ଓ ବୌଦ୍ଧିକ ସ୍ତରରେ ମଧ୍ୟ ସାହାରା ଦରକାର ହୁଏ । ଉଦାହରଣ ସ୍ୱରୂପ, ଆମେ କହୁ, ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିଦ୍ୟମାନ । ତାହା ଯଦି ଆମେ ଠିକ୍ ଭାବରେ ଉପଲବ୍ଧି କରନ୍ତେ, ତେବେ ଅନ୍ୟକୁ ଠକନ୍ତେ ନାହିଁ କି ଖରାପ ବ୍ୟବହାର କରନ୍ତେ ନାହିଁ । ଆମେ ଏହି ସତ୍ୟକୁ ଅନୁଭବ କରିପାରୁକି ? ସଂକ୍ଷେପରେ ମନ୍ଦିର, ମୂର୍ତ୍ତି ଓ ତୀର୍ଥସ୍ଥାନ ହୃଦୟରେ ଭଗବାନଙ୍କୁ ଅନୁଭବ କରିବାରେ ସହାୟକ ହୁଏ ଓ ଧୀରେ ଧୀରେ ଆମ ଭିତରେ ଦୈବପ୍ରୀତି ଓ ପାପଭୀତି ପ୍ରକଟ ହେବାରେ ସାହାଯ୍ୟ କରେ । କଥାରେ ଅଛି 'ଧନ ଅର୍ଜନେ ଧର୍ମକରି, ଧର୍ମେ ପ୍ରାପତ ନରହରି' । ଏହି ପରମ ସତ୍ୟକୁ ଉପଲବ୍ଧ କରିବାର ଆଶା ନେଇ ବଦ୍ରିନାଥ ଓ କେଦାରନାଥ ଯାତ୍ରାର ପରିକଳ୍ପନା କଲୁ । ରେଳ ଯୋଗେ ଦିଲ୍ଲୀ ଓ ତାପରେ ହରିଦ୍ୱାରରେ ପହଞ୍ଚି ସେଠାରେ ରାତ୍ରିଯାପନ କଲୁ । ତାପରଦିନ ସକାଳୁ ପୂର୍ବରୁ ପ୍ରସ୍ତୁତ ଇନୋଭାଗାଡ଼ିରେ ଆମେ ଛଅଜଣ ତୀର୍ଥଯାତ୍ରୀ ଯାତ୍ରାରମ୍ଭ କଲୁ । ରାସ୍ତାର ଦୁଇପାର୍ଶ୍ୱରେ ସୁଉଚ୍ଚ ଗିରିଶୃଙ୍ଗ ପାଇନ୍, ଝାଉଁ ଇତ୍ୟାଦି ବିରାଟ ବୃକ୍ଷମାନ, ସ୍ୱର୍ଗୀୟ ସୁଗନ୍ଧରେ ପରିପୂର୍ଣ୍ଣ ଜଙ୍ଗଲୀ ପୁଷ୍ପବୃକ୍ଷ, ଅଳକାନନ୍ଦା, ଭାଗୀରଥୀ ଓ ଗଙ୍ଗା ଆଦି ଚିରସ୍ରୋତା ନଦୀ ଓ ସେମାନଙ୍କ ଉପନଦୀ ମାନଙ୍କର କୁଳୁକୁଳୁ ନାଦରେ ମନ ବିଭୋର ହୋଇ ଉଠୁଥାଏ । ସନ୍ଧ୍ୟା ପୂର୍ବରୁ ହରିଦ୍ୱାର ଠାରୁ ୯୩ କିମି ଦୂରରେ ଅବସ୍ଥିତ ଦେବ ପ୍ରୟାଗ ଠାରେ ରାତ୍ରିଯାପନ କଲୁ । ଏହା ଉତ୍ତରାଖଣ୍ଡର ଏକ ଜିଲ୍ଲା ଏବଂ ପଞ୍ଚପ୍ରୟାଗ ମଧ୍ୟରେ ଅନ୍ୟତମ । ଯେଉଁଠାରେ ଦୁଇ ବା ଅଧିକ ନଦୀର ମିଳନ ଘଟେ, ସେହି ସ୍ଥାନକୁ ପ୍ରୟାଗ କୁହାଯାଏ । ହିମାଳୟରେ ଅବସ୍ଥିତ ପଞ୍ଚ ପ୍ରୟାଗମାନେ ହେଲେ ଦେବ ପ୍ରୟାଗ, ରୁଦ୍ର ପ୍ରୟାଗ, କର୍ଣ୍ଣ ପ୍ରୟାଗ, ନନ୍ଦ ପ୍ରୟାଗ ଏବଂ ବିଷ୍ଣୁ ପ୍ରୟାଗ । ଦେବ-ପ୍ରୟାଗ ପବିତ୍ର ଭାଗିରଥୀ ଓ ଅଳକାନନ୍ଦା ନଦୀର ସଂଗମସ୍ଥଳ । କି ବିଚିତ୍ର ଦୃଶ୍ୟ ! ପବିତ୍ର ଭାଗିରଥୀ ନଦୀର ଜଳ ସମ୍ପୂର୍ଣ୍ଣ ନୀଳ ହୋଇଥିବାବେଳେ ଅଳକାନନ୍ଦା ନଦୀ ଜଳ ମାଟିଆ ଓ ଗୋଳିଆ । ଏହି ସଂଗମ ପରେ ଅର୍ଥାତ୍ ଦେବପ୍ରୟାଗ ପରଠାରୁ ଦୁଇନଦୀ ଗଙ୍ଗା ନାମରେ ପରିଚିତ ।



ତା'ପରଦିନ ପ୍ରଥମେ କେଦାରନାଥ ଯାତ୍ରା କରିବାର ଯୋଜନା ଥିଲେ ମଧ୍ୟ ହେଲିକେପ୍ଟରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବଦ୍ରିନାଥ ଯାତ୍ରାକଲୁ । ହିମାଳୟର ଅଙ୍କାବଙ୍କା ପାହାଡ଼ିଆ ଓ ଜଙ୍ଗଲ ରାସ୍ତା ଅତିକ୍ରମ କରି ବଦ୍ରିନାଥଧାମ ଯାତ୍ରା କରିବାକୁ ପଡ଼େ । ରାସ୍ତାରେ କାଁ ଭାଁ ଜନବସତି ଦେଖିବାକୁ ମିଳେ । ପୂର୍ବରୁ ତୀର୍ଥଯାତ୍ରୀମାନେ ଅତ୍ୟନ୍ତ କଷ୍ଟସ୍ୱୀକାର କରି ଦୁର୍ଗମ ରାସ୍ତାରେ ପାଦରେ ଚାଲି ଚାଲି ଯାଉଥିଲେ । ମାତ୍ର ବର୍ତ୍ତମାନ ବଦ୍ରିନାଥ ପର୍ଯ୍ୟନ୍ତ ପିଚୁରାସ୍ତାରେ ମଟରଯାନରେ ଯାତ୍ରୀମାନେ ଆରାମରେ ଯାଇ ପାରୁଛନ୍ତି । ପବିତ୍ର ବଦ୍ରିନାଥଧାମ ଉତ୍ତରାଖଣ୍ଡ ରାଜ୍ୟର ଚାମୋଲି ଜିଲ୍ଲାରେ ଅବସ୍ଥିତ । ଏହା ଅଳକାନନ୍ଦା ନଦୀର ଦକ୍ଷିଣ କୂଳରେ ସମୁଦ୍ରପତ୍ତନର ୩୩୧୩ ମିଟର ଉପରେ ଏକ ସୁନ୍ଦର ଆଧ୍ୟାତ୍ମିକ ପୀଠ । ଦୁଇ ପାର୍ଶ୍ୱରେ ନର ଓ ନାରାୟଣ ନାମକ ଦୁଇ ପର୍ବତ ଶୋଭାପାଉଅଛି । ଏହି ପବିତ୍ର ପୀଠ ଏକଦା ଅନେକ କୋଳିଗଛର ବଣବୁଦାରେ ପରିପୂର୍ଣ୍ଣ ଥିବାରୁ ଏହାର ନାମ ବଦ୍ରିବନ ଅର୍ଥାତ୍ କୋଳି ବଗିଚା ହୋଇଥିବାର ଅନୁମାନ କରାଯାଏ । ବଦ୍ରିନାଥଧାମ ଓ ବଦ୍ରିକାଶ୍ରମ କଥା ବେଦରେ ବର୍ଣ୍ଣିତ ଥିବାରୁ ବୈଦିକ ଯୁଗରୁ ଏଠାରେ ଶ୍ରୀବିଷ୍ଣୁ ପୂଜା ପାଉଥିବାର ଅନୁମାନ କରାଯାଏ । ବର୍ତ୍ତମାନ ପୂଜିତ ମୂର୍ତ୍ତି କିଏ କେବେ ଗଢ଼ିଥିଲେ ତାର କୌଣସି ପ୍ରମାଣ ନାହିଁ । ଭଗବାନଙ୍କ ନିର୍ଦ୍ଦେଶରେ ବ୍ରହ୍ମା ନାରଦ କୁଣ୍ଡରୁ ଶାଳଗ୍ରାମରେ ଖୋଦିତ ଏକ ମୂର୍ତ୍ତି ପ୍ରାପ୍ତ ହୋଇ ବିଶ୍ୱକର୍ମାଙ୍କୁ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଲେ । ବିଷ୍ଣୁଙ୍କର ଏହି ମୂର୍ତ୍ତିକୁ ମନ୍ଦିରରେ ପ୍ରତିଷ୍ଠା କରି ବ୍ରହ୍ମା ପୂଜା ଅର୍ଚ୍ଚନା କଲେ ଓ ଶ୍ରୀମାନ୍ ନାରାୟଣଙ୍କର ପ୍ରତ୍ୟକ୍ଷ ଦର୍ଶନର ପୁଣ୍ୟ ଲାଭ କଲେ । ଏହାପରେ ଯୁଗପରେ ଯୁଗ ବିତିଯାଇଛି । ଆଦି ଶଙ୍କରାଚାର୍ଯ୍ୟଙ୍କର ବଦ୍ରିନାଥ ଆଗମନ ସମୟରେ ସେ ଏହି ଶାଳଗ୍ରାମ ମୂର୍ତ୍ତି ଅଳକାନନ୍ଦା ନଦୀରୁ ପ୍ରାପ୍ତ ହୋଇ ଏଠାରେ ଥିବା ତପ୍ତକୁଣ୍ଡ ନିକଟରେ ଏକ ଗୁମ୍ଫା ମଧ୍ୟରେ ସ୍ଥାପନା କରିଥିଲେ । ଶାସ୍ତ୍ରାନୁସାରେ ବର୍ତ୍ତମାନ ମନ୍ଦିର ଅଷ୍ଟାଦଶ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟଙ୍କ ସମୟରେ ଆରମ୍ଭ ହୋଇଥିଲା । ବିଭିନ୍ନ ସମୟରେ ପ୍ରତିକୂଳ ପରିସ୍ଥିତି ଯଥା ଭୂସ୍ଖଳନ, ଭୂମିକମ୍ପ ଓ ହିମପାତ ଦ୍ୱାରା କ୍ଷତିସାଧନ ହେବା ଯୋଗୁ ମନ୍ଦିରର ପୁର୍ନବିନ୍ୟାସ କରାଯାଇଛି । ଷୋଡ଼ଶ ଶତାବ୍ଦୀରେ ଗଡ଼ୱାଲ ରାଜା ବର୍ତ୍ତମାନ ପୂଜା ପାଉଥିବା ମନ୍ଦିରକୁ ବିଗ୍ରହଙ୍କୁ ସ୍ଥାନାନ୍ତରିତ କରିଥିଲେ । ଏହାପରେ ଉନ୍ନବିଂଶ ଶତାବ୍ଦୀରେ ସିନ୍ଧିଆ ଓ ହୋଲକାର ରାଜ ପରିବାର ଦ୍ୱାରା ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ବଦ୍ରିନାଥ ମନ୍ଦିର ୫୦ ଫୁଟ ଉଚ୍ଚ । ମନ୍ଦିର ଉପରେ ସୁବର୍ଣ୍ଣ ଚାଦର ଆଚ୍ଛାଦିତ ଏକ ଗୋଲାକାର ଗମ୍ବୁଜ ଶୋଭାପାଉଅଛି । ମନ୍ଦିରର ଚାରିକାନ୍ଥ ପ୍ରସ୍ତର ନିର୍ମିତ । ଏଥିରେ ଥିବା ସୁନ୍ଦର କାରୁକାର୍ଯ୍ୟଯୁକ୍ତ ଗବାକ୍ଷମାନଙ୍କର ଓ ମୁଖ୍ୟଦ୍ୱାରର ଉପରିଭାଗ ଅର୍ଦ୍ଧ ଗୋଲାକାର । ପ୍ରଶସ୍ତ ପାହାଚମାନ ଚଢ଼ି ମନ୍ଦିରର ପ୍ରବେଶ ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବାକୁ ପଡ଼େ । ଏହା ମନ୍ଦିରର ମୁଖ୍ୟଦ୍ୱାର ବା ସିଂହଦ୍ୱାର । ମନ୍ଦିରଟି ଏକ ବୌଦ୍ଧବିହାର ସଦୃଶ ନିର୍ମିତ । ମନ୍ଦିରଟି ତିନି ଭାଗରେ ବିଭକ୍ତ । ଯଥା ଗର୍ଭଗୃହ, ଦର୍ଶନ ମଣ୍ଡପ ଏବଂ ସଭାମଣ୍ଡପ । ଗର୍ଭଗୃହ ମଧ୍ୟ ଭାଗରେ ଏକ ମିଟର ଉଚ୍ଚ କଳାମୁଗୁନି ପ୍ରସ୍ତରରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥିବା ଶ୍ରୀବିଷ୍ଣୁଙ୍କର ଚତୁର୍ଭୁଜ ମୂର୍ତ୍ତି ବିରାଜିତ । ଦୁଇହାତ ଉର୍ଦ୍ଧ୍ୱକୁ ତୋଳି ଅନ୍ୟ ଦୁଇହାତ ଯୋଗମୁଦ୍ରାରେ ରଖି ଶ୍ରୀବିଷ୍ଣୁ ପୂଜା ପାଉଛନ୍ତି । ଦର୍ଶନ ମଣ୍ଡପରେ ସମସ୍ତ ପୂଜାପାଠ ସମାପନ କରାଯାଏ । ପଣ୍ଡିତମାନେ ମନ୍ତ୍ରଧ୍ୱନି ସହିତ ଶ୍ରୀବିଷ୍ଣୁ ସହସ୍ରନାମ ଓ ବେଦପାଠ କରନ୍ତି । ସଭାମଣ୍ଡପରେ ଭକ୍ତମାନେ ଏକତ୍ରିତ ହୋଇ ପ୍ରଭୁଙ୍କୁ ଦର୍ଶନ କରନ୍ତି । ସକାଳ ପୂଜାରେ ଅଭିଷେକ, ମହାଭିଷେକ ଓ ଗୀତାପାଠ କରାଯାଉଥିବା ବେଳେ ସନ୍ଧ୍ୟା ସମୟରେ ଆରତୀ କରାଯାଏ ଓ ଗୀତଗୋବିନ୍ଦ ଗାନ କରାଯାଏ । ସକାଳ ୪.୩୦ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ତାପରେ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହେ । ପ୍ରବଳ ଥଣ୍ଡା ଓ ବରଫପାତ ଯୋଗୁ ପ୍ରତିବର୍ଷ ମନ୍ଦିର ଛଅମାସ ବନ୍ଦ ରହିବା ପରେ ଏପ୍ରିଲ ମାସ ଶେଷ ସପ୍ତାହରେ ଖୋଲାଯାଏ ଏବଂ ନଭେମ୍ବର ମାସ ଦୀପାବଳୀ ପରେ ବନ୍ଦ ହୁଏ । ଏହି ସମୟରେ ଶ୍ରୀବିଷ୍ଣୁଙ୍କ ଚଳନ୍ତିପ୍ରତିମା ଯୋଶୀମଠ ଠାରେ ପୂଜା ପାଆନ୍ତି । ଆଶ୍ଚର୍ଯ୍ୟର କଥା ଏହି ଛଅ ମାସ ଧରି ବଦ୍ରିନାଥ ମନ୍ଦିର ମଧ୍ୟରେ ଏକ ଅଖଣ୍ଡ ପ୍ରଦୀପ ଜଳୁଥାଏ ।

ପୁରାଣରେ ବର୍ଣ୍ଣିତ ହୋଇଛି ଯେ, ବଦ୍ରିନାଥଧାମ ବହୁ ପୂର୍ବରୁ ଶିବଙ୍କର ବିରାଜସ୍ଥଳୀ ଥିଲା । ଭଗବାନ ବିଷ୍ଣୁ ଜଗତର ମଙ୍ଗଳ ପାଇଁ ନରନାରାୟଣ ଭାବରେ ଏଠାରେ ଘୋର ତପସ୍ୟା କଲେ । ଏହି ସ୍ଥାନକୁ ଦେଖି ଭଗବାନ ବିଷ୍ଣୁ ଏତେ ବିମୋହିତ ହୋଇ ପଡ଼ିଲେ ଯେ ସେ ଶିବଙ୍କୁ ଏଠାରୁ ସ୍ଥାନାନ୍ତରିତ କରି ନିଜେ ବିରାଜମାନ କରିବାକୁ ମନସ୍ଥ କଲେ । ସେଥିପାଇଁ ସେ ଏକ କୌତୁକିଆ ପିଲା ହୋଇ ଅହରହ କ୍ରନ୍ଦନ କରିବାକୁ ଲାଗିଲେ । ଫଳରେ ଶିବଙ୍କର ତପସ୍ୟାରେ ବାଧା ସୃଷ୍ଟି ହେଲା, ମାତା ପାର୍ବତୀ ପିଲାଟିକୁ କୋଳକୁ ନେଇ ଯେତେ ବୁଝେଇଲେ ମଧ୍ୟ ପିଲାଟି ଆହୁରି ଅଧିକ କାନ୍ଦିବାକୁ ଲାଗିଲେ । ଶେଷରେ ପିଲାଟିକୁ ଗୁମ୍ଫାରେ ଶୁଆଇଦେଇ ଶିବପାର୍ବତୀ ତପ୍ତକୁଣ୍ଡରେ ସ୍ନାନ ସାରି ଫେରି ଦେଖିଲେ ଯେ ଗୁମ୍ଫାର ଦ୍ୱାର ବନ୍ଦ ଅଛି । ଶିବ ଏହାର ରହସ୍ୟ ବୁଝିପାରି କେଦାରନାଥ ପଳାୟନ କଲେ । ମାତ୍ର ଶିବ ଭଲପାଉଥିବା ବଦ୍ରି ବା କୋଳିଗଛ ସେହିଠାରେ ରହିଯିବାରୁ ସ୍ଥାନଟିର ନାମ ବଦ୍ରିକାଶ୍ରମ ବା ବଦ୍ରିନାଥ ହୋଇ ରହିଲା । ବଦ୍ରିନାଥ ନିକଟରେ ଥିବା ଗିରିଶୃଙ୍ଗମାନ ବିଷୟରେ ମହାଭାରତରେ ବର୍ଣ୍ଣିତ । ପାଣ୍ଡବମାନେ ସ୍ୱର୍ଗାରୋହଣ ସମୟରେ ବଦ୍ରିନାଥ ଦର୍ଶନ କରି ଏଠାରୁ ୪ କିମି ଦୂରରେ ଥିବା ମାଣା ଗ୍ରାମ ବାଟେ ପଶ୍ଚିମ ଗଡ଼ୱାଲଠାରେ ପର୍ବତାରୋହଣ କରିଥିଲେ । ମାଣାଗ୍ରାମ ଭାରତ ଓ ଚୀନ ସୀମାରେ ଅବସ୍ଥିତ ଭାରତର ଶେଷ ଗ୍ରାମ । ମନ୍ଦିର ଭିତରେ ଥିବା ଅଗ୍ନିତୀର୍ଥ ବା ତପ୍ତକୁଣ୍ଡ ଅତ୍ୟନ୍ତ ପବିତ୍ର । ଏହାର ପାଣି ସର୍ବଦା ଫୁଟନ୍ତା ଅବସ୍ଥାରେ ଥାଏ । ଏଠାରେ ବୁଡ଼ ପକାଇଲେ ମଣିଷ ସମସ୍ତ ପାପରୁ ମୁକ୍ତିପାଏ ବୋଲି ବିଶ୍ୱାସ କରନ୍ତି । ମନ୍ଦିର ପରିସରରେ ଶ୍ରୀ ଶଙ୍କରାଚାର୍ଯ୍ୟ ମନ୍ଦିର, ଆଦି କେଦାରଜୀ ମନ୍ଦିର (ପ୍ରଥମେ ଆଦି କେଦାରଜୀଙ୍କୁ ଦର୍ଶନ କରି ତାପରେ ବଦ୍ରି ନାରାୟଣଙ୍କୁ ଦର୍ଶନ କରନ୍ତି), ନାରଦ କୁଣ୍ଡ, ପଞ୍ଚଶୀଳା ଯଥା ନାରଦଶୀଳା, ନୃସିଂହଶୀଳା, ବାରାହୀଶୀଳା, ଗରୁଡ଼ ଶୀଳା ଓ ମାର୍କଣ୍ଡେୟ ଶୀଳା ଆଦି ବିରାଜମାନ । ବଦ୍ରିନାଥ ଆଖପାଖରେ ଅନେକ ତୀର୍ଥସ୍ଥାନ ଅବସ୍ଥିତ । ପ୍ରତ୍ୟେକ ସ୍ଥାନ ନିଜର ସ୍ୱାତନ୍ତ୍ର୍ୟ ତଥା ଇତିହାସ ବହନ କରେ । ଏଠାରୁ ୧୨କିମି ଦୂରରେ ହନୁମାନଚାଟି ଏକ ପବିତ୍ର ସ୍ଥାନ । ଭୀମ ଦ୍ରୌପଦୀଙ୍କ ପାଇଁ ପାରିଜାତ ପୁଷ୍ପ ଆଣିବାପାଇଁ ସ୍ୱର୍ଗ ଯାତ୍ରା ସମୟରେ ହନୁମାନ ଏକ ବୃଦ୍ଧମର୍କଟ ଭାବରେ ରାସ୍ତାରେ ଲାଙ୍ଗୁଡ଼ ଥୋଇ ବସିଥିଲେ । ପ୍ରବଳ ପରାକ୍ରମୀ ଭୀମ ତାଙ୍କର ଲାଙ୍ଗୁଡ଼ ଉଠାଇ ନପାରି ପବନପୁତ୍ର ମହାବୀର ହନୁମାନଙ୍କ ପରିଚୟ ପାଇଥିଲେ । ଏହା ମହାଭାରତରେ ବର୍ଣ୍ଣିତ । ବଦ୍ରିନାଥ ଠାରୁ ୪୨ କିମି ଦୂରରେ ଚାମୋଲି ଜିଲ୍ଲାର ହେମକୁଣ୍ଡ ହ୍ରଦକୂଳରେ ହେମକୁଣ୍ଡ ସାହେବ ଅବସ୍ଥିତ । ଏହା ଶିଖ ମାନଙ୍କର ପାଞ୍ଚଟି ତୀର୍ଥସ୍ଥାନ ମଧ୍ୟରେ ଅନ୍ୟତମ । ଏଠାରେ ଗୁରୁ ଗୋବିନ୍ଦ ତପସ୍ୟା କରିଥିଲେ । ବଦ୍ରିନାଥ ଠାରୁ ୩ କିମି ଦୂରରେ ଅଳକାନନ୍ଦା ନଦୀ କୂଳରେ ମାତା ମୂର୍ତ୍ତିମନ୍ଦିର ଅବସ୍ଥିତ । ଏହା ବଦ୍ରିନାଥଙ୍କ ମାତାଙ୍କର ମନ୍ଦିର । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀ ଭକ୍ତିର ସହ ବଦ୍ରିବିଶାଲଙ୍କୁ ଦର୍ଶନ କରିବା ପାଇଁ ଏଠାକୁ ଯାତ୍ରା କରନ୍ତି ଓ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି । ଯିଏ ବର୍ଣ୍ଣନାତୀତ, ତାଙ୍କୁ ଭାଷାରେ ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ତଥାପି କିଛି ଅଭିଜ୍ଞତା, କିଛି ଇତିହାସ ଓ ପୌରାଣିକ ତଥ୍ୟକୁ ଭିତ୍ତିକରି ମୋର ଏହି ଭ୍ରମଣ କାହାଣୀ ବର୍ଣ୍ଣନା କରିବାକୁ ପ୍ରୟାସ କରିଛି । ପାଠକମାନେ ବଦ୍ରିନାରାୟଣଙ୍କର ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ ।

*-ସିଡ଼ିଏ, କଟକ, ଦୂରଭାଷ : ୯୮୬୧୩୫୪୬୨୮*




## ବିଏମଡବ୍ଲୁ ଇଣ୍ଡିଆ ଆଫଟର ସେଲ ପକ୍ଷରୁ ବିଏମଡବ୍ଲୁ ସ୍ମାର୍ଟଭିଡିଓ

ଭୁବନେଶ୍ୱର: ଭାରତର ଲକ୍ଜୁରୀ କାର ବ୍ରାଣ୍ଡ, ବିଏମଡବ୍ଲୁ ଇଣ୍ଡିଆ ପକ୍ଷରୁ ବିଏମଡବ୍ଲୁ ସ୍ମାର୍ଟଭିଡିଓର ପ୍ରାରମ୍ଭ କରାଯାଇଛି, ଯାହାକି ଏକ ସ୍ୱତନ୍ତ୍ର ଆପ-ଭିତ୍ତିକ ସ୍ମାର୍ଟ ଭିଡିଓ ଏବଂ ଇମେଜ ସଲ୍ୟୁସନ ପ୍ରଦାନ କରିବ, ଯେଉଁଠାରେ ଗ୍ରାହକମାନେ ସର୍ଭିସ ଏବଂ ରିପେୟାରିଂ ପାଇଁ ରିୟଲ ଟାଇମ ଅନୁମୋଦନ କରିପାରିବେ । ବିଏମଡବ୍ଲୁ ସ୍ମାର୍ଟଭିଡିଓ ସଲ୍ୟୁସନ ପୂର୍ବରୁ ହିଁ ଅଧିକ ଗ୍ରାହକ ସନ୍ତୁଷ୍ଟି ସହ୧୦,୦୦୦ରୁ ଅଧିକ ଗ୍ରାହକଙ୍କୁ ସୁଫଳ ପ୍ରଦାନ କରିଛି ।
ଏହି ବିଏମଡବ୍ଲୁ ସ୍ମାର୍ଟଭିଡିଓ ମାଧ୍ୟମରେ ଡିଲରସିପ ଟେକ୍ନିସିଆନମାନେ ଯାନବାହାନ ଗୁଡ଼ିକର ସର୍ଭିସ/ରିପ୍ୟାରିଂ ଆବଶ୍ୟକତାର ବର୍ଣ୍ଣନା ନିମନ୍ତେ ଏକ ଭିଡିଓ ପ୍ରସ୍ତୁତ କରିବାରେ ସମର୍ଥ ହୋଇଥାନ୍ତି ଏବଂ ଅନଲାଇନରେ ମୂଲ୍ୟାଙ୍କନ ସେୟାର କରିଥାନ୍ତି । ଗ୍ରାହକମାନଙ୍କୁ ଗୋଟିଏ ଲିଙ୍କ ମିଳିଥାଏ ଯେଉଁଠାରେ ସେମାନେ ଏକ ଭିଡିଓ ମାଧ୍ୟମରେ ସର୍ଭିସର ଆବଶ୍ୟକତା ସମ୍ପର୍କରେ ଜାଣି ପାରବେ ଏବଂ ଡିଲରସିପକୁ ପୁନର୍ବାର ଯିବାର ସଂଘର୍ଷ ବିନା ହିଁ ଅନଲାଇନରେ ଏକ ଅନୁମୋଦନ ଦେଇପାରିବେ । ବିଶ୍ୱାସ,ପାରିଦର୍ଶିତା, ସୁବିଧା ଏବଂ ସମୟ ଏହି ଆଫ୍ଟରସେଲ ବିଜିନେସ ପାଇଁ ଅପରିହାର୍ଯ୍ୟ ଏବଂ ଗ୍ରାହକଙ୍କ ବିଶ୍ୱସନୀୟତା ସୃଷ୍ଟି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । ମିଷ୍ଟର ରୁଦ୍ରତେଜ ସିଂ, ପ୍ରେସିଡେଣ୍ଟ ଆଣ୍ଡ ଚିଫ ଏକ୍ସକ୍ୟୁଟିଭ ଅଫିସର, ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆ କହିଛନ୍ତି, “ ବିଏମଡବ୍ଲୁ କେବଳ ଏହାର ବେଷ୍ଟ-ଇନ-କ୍ଲାସ ଉତ୍ପାଦ ଗୁଡ଼ିକ ପାଇଁ ନୁହେଁ କିନ୍ତୁ ଏହାର ଅନନ୍ୟ ଆଫ୍ଟରସେଲ ସର୍ଭିସ ବ୍ୟବସ୍ଥା ପାଇଁ ଏକ ସଫଳ ବ୍ରାଣ୍ଡ ହୋଇ ପାରିଛି ।

## ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବରେ ପାୟଲ ମ୍ୟୁଜିକ ସ୍କୁଲର ସଫଳତା



କେନ୍ଦ୍ରାପଡା (ପିଏନ)- ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବରେ ସାରା ଜିଲ୍ଲାରୁ ଅନେକ ଯୁବକଯୁବତୀ ଯୋଗଦେଇଥିବା ବେଳେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ “ପାୟଲ ମ୍ୟୁଜିକ ସ୍କୁଲ”ର କଳାକାରମାନେ ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ(ଦିଲୁ)ଙ୍କ ନେତୃତ୍ୱରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ଏହି ଅନୁଷ୍ଠାନର କଳାକାରମାନେ ଦଳଗତ ଲୋକସଂଗୀତରେ ପ୍ରଥମ,ଦଳଗତ ଲୋକନୃତ୍ୟରେ ଦ୍ୱିତୀୟ ଓ ନାଟକରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ସେହିଭଳି ଓଡିଶୀ ନୃତ୍ୟରେ ସୌମ୍ୟା ତ୍ରିପାଠୀ ପ୍ରଥମ, ତିଆଶା ସାମଲ ଦ୍ୱିତୀୟ, ଭାରତ ନାଟ୍ୟମରେ ତିଆଶା ସାମଲ ଦ୍ୱିତୀୟ, କଥକ ନୃତ୍ୟରେ ଦିଲ୍ଲିପ କୁମାର ଜେନା ଦ୍ୱିତୀୟ, ତବଲାରେ ନିହାର ରଞ୍ଜନ ଜେନା ପ୍ରଥମ ସ୍ଥାନ ଅଧିକାରକରି ପୁରସ୍କୃତ ହୋଇଛନ୍ତି । ଆସନ୍ତା ନଭେମ୍ବରମାସ ଶେଷ ସପ୍ତାହରେ ହେବାକୁଥିବା ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ କେନ୍ଦ୍ରାପଡା ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡିଶୀ ନୃତ୍ୟରେ ସୌମ୍ୟା ତ୍ରିପାଠୀ ,ତବଲାରେ ନିହାର ରଞ୍ଜନ ଜେନା ଓ ଦଳଗତ ଲୋକସଂଗୀତରେ “ପାୟଲ ମ୍ୟୁଜିକ ସ୍କୁଲ”ର କଳାକାରମାନେ ମନୋନିତ ହୋଇଛନ୍ତି । ପାୟଲ ମ୍ୟୁଜିକ ସ୍କୁଲର ସଭାପତି ନିଳମାଧବ ପତି ଏହି ସଫଳତା ନିମନ୍ତେ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ।

## ୨ନଂ ୱାର୍ଡରେ ରାସ୍ତା ଅବରୋଧ

### ତହସିଲରେ ଅଭିଯୋଗ

କେନ୍ଦୁଝର (ପିଏନ)- ଝୁମ୍ପୁରା ଗ୍ରାମ ପଂଚାୟତ ର ୨ନଂ ୱାର୍ଡ ରେ ସାହି ରାସ୍ତା ଅବରୋଧକୁ ନେଇ ତହସିଲଦାରଙ୍କ କାର୍ଯ୍ୟାଳୟ ରେ ଲିଖିତ ଅଭିଯୋଗ ହୋଇଛି। ରାସ୍ତାକୁ ଲାଗି ଗୋଟିଏ ପରିବାର ଘର ନିର୍ମାଣ କରୁଥିବା ବେଳେ, ଘରର ତାଜା, ଛାତ ରାସ୍ତାର ବହୁ ଆଗକୁ କରୁଥିବା ନେଇ ସାହି ବାସିନ୍ଦା ଏମଡି ରଇସ, ପ୍ରମୋଦ ସାହୁ, ଅଭିମନ୍ୟୁ ସାହୁ, ପ୍ରମିଳା ସାହୁ, ଚତୁର୍ଭୂଜ ବେହେରା ପ୍ରମୁଖ ବାରଣ କରିଥିଲେ, ହେଲେ ଘର ନିର୍ମାଣ କରୁଥିବା ପରିବାର କିଛି ଶୁଣି ନ ଥିଲା। ଏ ନେଇ ୱାର୍ଡ ନଂ ୨ର ବାସିନ୍ଦା ତହସିଲରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଝୁମ୍ପୁରା ରାଜସ୍ୱ ନିରିକ୍ଷକ ତଦନ୍ତ କରି ଫେରି ଯାଇଛନ୍ତି। ତହସିଲଦାର ଜନକ ନାୟକ ଅଭିଯୋଗ ସମ୍ପର୍କରେ କହିଲେ, ପଦକ୍ଷେପ ନିଆଯିବ।

## ପିନାକିଲ ମାନବସମ୍ବଳ ପକ୍ଷରୁ କେନ୍ଦ୍ରାପଡା କଲେଜରେ କ୍ୟାମ୍ପସ ଚୟନ




କେନ୍ଦ୍ରାପଡା (ପିଏନ)- ପିନାକିଲ ମାନବସମ୍ବଳ ପ୍ରା.ଲି.ପକ୍ଷରୁ ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଫ୍ୟାସନ ରିଟେଲ ମ୍ୟାନେଜମେଂଟ ଏକ ସାକ୍ଷାତକାର ଓ ଲିଖିତ ପରୀକ୍ଷା ମାଧ୍ୟମରେ ଅନ୍ୟୁନ୍ୟ ୨୫ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜକ ଅଧ୍ୟାପକ ମନୋଜ କୁମାର ମିଶ୍ର, ପୂର୍ବାଶା ପ୍ରିୟଦର୍ଶିନୀ, ରଞ୍ଜିତ କୁମାର ଦାସ, ଅଶୋକ କୁମାର ଦାସ, ଡ଼ଃ.ଜ୍ଞାନୀନ୍ଦ୍ର ଦାଶ, ଡ଼ଃ.ପ୍ରଭାକର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ । ଏହି ଚୟନ ପ୍ରକ୍ରୀୟାରେ ମହାବିଦ୍ୟାଳୟର ତୃତୀୟ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ତିନିଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ କଲେଜ ଅଧ୍ୟକ୍ଷ ଡ଼ଃ. ତ୍ରିପାଠୀ,ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ରାମଚନ୍ଦ୍ର ପାତ୍ର ଓ ପିନାକିଲ ମାନବସମ୍ବଳର ସଂଯୋଜକ ରାଜୀବ ସାହୁଙ୍କ ଦ୍ୱାରା ଚୟନ କରାଯାଇଥିବା କଲେଜ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ବୀମା ଉତ୍ପାଦ ଉପଲବ୍ଧ କରାଇବା ପାଇଁ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ସହିତ ମିଳିତ ହୋଇଛି

ଭୁବନେଶ୍ୱର, (ପିଏନ) : ଭାରତର ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବୃହତ୍ ଘରୋଇ ବୀମା କମ୍ପାନୀ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଭାରତର ପ୍ରଥମ ପେମେଣ୍ଟସ୍ ବ୍ୟାଙ୍କ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ସହିତ ଏକ କର୍ପୋରେଟ ଏଜେନ୍ସି ଏଗ୍ରିମେଣ୍ଟ କରିଛି । ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ଗ୍ରାହକମାନଙ୍କୁ ଏବେ ଜୀବନ ବୀମା ଏବଂ ସଞ୍ଚୟ ଯୋଜନା ସହଜରେ ଉପଲବ୍ଧ କରାଇବ ଯଦ୍ୱାରା ସେମାନେ ନିଜ ପରିବାର ପାଇଁ ଆର୍ଥିକ ସୁବିଧା ପ୍ରଦାନ କରିପାରିବେ ଏବଂ ଲମ୍ବା ସମୟ ଅବଧିଯୁକ୍ତ ସଞ୍ଚୟ ସୁବିଧା ପାଇପାରିବେ।
ଏହି ମଳିତ ସହଯୋଗର ଉଦ୍ଦେଶ୍ୟ ହେଲା ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ବିସ୍ତୃତ ବିତରଣ ନେଟୱାର୍କ ଏବଂ ଡ଼ିଜିଟାଲ ଉପସ୍ଥିତିର ଲାଭ ଉଠାଇ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ଭାରତର ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ। ପ୍ରାରମ୍ଭିକ ସ୍ତରରେ ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କ ଗ୍ରାହକଙ୍କୁ ଆଇସିଆଇସିଆଇ ପ୍ରୁ ଆଇ ପ୍ରୋଟେକ୍ଟ ସ୍ମାର୍ଟ ପରି ସୁରକ୍ଷିତ ପ୍ଲାଟଫର୍ମ ଏବଂ ଆଇସିଆଇସିଆଇ ଅନମୋଲ୍ ବଚତ ସେଭିଙ୍ଗ ପ୍ଲାଟଫର୍ମ ଉପଲବ୍ଧ କରାଇବ। ଆଇସିଆଇସିଆଇ ପ୍ରୁ ଅନମୋଲ୍ ବଚତ ଯୋଜନା ଏକ ଅଦ୍ୱିତୀୟ ମାଇକ୍ରୋ-ବୀମା ଉତ୍ପାଦ ଯାହା ସ୍ୱଳ୍ପ ମୂଲ୍ୟରେ ଉଭୟ ସଞ୍ଚୟ ଏବଂ ସୁରକ୍ଷା ପ୍ରଦାନ କରିବ ଓ ଆଇସିଆଇସିଆଇ ପ୍ରୁ ଆଇ ସ୍ମାର୍ଟ ଏକ ଟର୍ମ ପ୍ଲାନ ଯାହା ସୁରକ୍ଷା ଉପଲବ୍ଧ କରାଇବ।
ଏହି ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଶ୍ରୀ ଏନ୍. ଏସ୍. କନ୍ନନ କହିଲେ, “ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କ ସହିତ ମିଳିତ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ। ଏହି ମିଳିତ ସହଯୋଗ ଦ୍ୱାରା ଗ୍ରାହକ ସୁବିଧାରେ ଏବଂ ସୁରକ୍ଷିତ ଭାବେ ସରଳ ଜୀବନ ବୀମା ଉତ୍ପାଦ କ୍ରୟ କରିପାରିବେ। ଲମ୍ବା ସମୟ ଅବଧିଯୁକ୍ତ ବୀମା ଉତ୍ପାଦ ଦ୍ୱାରା ଗ୍ରାହକ ତାଙ୍କର ଆର୍ଥିକ ଲକ୍ଷ୍ୟ ସହଜରେ ହାସଲ କରିପାରିବେ ଏବଂ ଆମେ ବିସ୍ତୃତ ଗ୍ରାହକମାନଙ୍କ ପାଖରେ ପହଞ୍ଚି ପାରିବାର ଲକ୍ଷ୍ୟ ପୂରଣ ହୋଇପାରିବ।”
ଏହି ଅବସରରେ ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁବ୍ରତ ବିଶ୍ୱାସ କହିଲେ, “ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ ସହିତ ମିଳିତ ହୋଇଥିବାରୁ ଆମେ ବେଶ୍ ଆନନ୍ଦିତ। ଆମେ ଲକ୍ଷାଧିକ ଭାରତୀୟଙ୍କୁ ସହଜରେ ବୀମା ଉତ୍ପାଦ ଯୋଗଇବାକୁ ସକ୍ଷମ ହୋଇପାରିବୁ। ଏଣିକି ଗ୍ରାହକ ବୀମା ଉତ୍ପାଦ ଡିଜିଟାଲ ମାଧ୍ୟମରେ ସୁରକ୍ଷିତ ଭାବେ ପାଇପାରିବେ। ଏହାଦ୍ୱାରା ଭାରତ ସରକାରଙ୍କ ଅନ୍ତର୍ଭୁକ୍ତି କରଣ ସମାଜ ଗଠନ ଲକ୍ଷ୍ୟ ପୂରଣ କରିବାର ଆଉ ଏକ ପଦକ୍ଷେପ ନେଇଛୁ।”

## ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



କେନ୍ଦ୍ରାପଡା (ପିଏନ)-କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲା ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହେଉଥିବା ବେଳେ ଜିଲ୍ଲାର ବିକାଶକୁ ଆଗକୁ ନେବା ପାଇଁ ଯେଉଁ କଲମ ଚାଳନା ଜାରି ରଖିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଉତଥାପନକରି ସାମ୍ବାଦିକମାନଙ୍କ ପେଷାରେ ନିର୍ଭିକତା ଅତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଯୋଗଦେଇ ସାମ୍ବାଦିକମାନେ ଚତୁର୍ଥସ୍ତମ୍ଭ ବୋଲି ଉତଥାପନ କରି ଜନଜାଗରଣରେ ସେମାନଙ୍କ ଭୂମିକା କାଳଜୟୀ ବୋଲି ପ୍ରକାଶକରି ସରକାରଙ୍କୁ ଦିଗଦର୍ଶନ ଦେବାରେ ସେମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ । ଗଣତନ୍ତ୍ରର ସୁରକ୍ଷା,ନିର୍ବାଚନରେ ସୁରକ୍ଷା ଓ ସାମାଜିକ ଜୀବନଯାପନରେ ଶୃଙ୍ଖଳା ବଜାୟୀ ରଖିବା ସହ ରାଷ୍ଟ୍ରର ସଂହତିକୁ ମଜଭୁତ କରିବା ଲକ୍ଷ୍ୟରେ ସଦାସର୍ବଦା କଲମ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଦୈନିକ ଶୃତିର ସମ୍ପାଦକ ପଣ୍ଡିତ ସର୍ବେଶ୍ୱର ମିଶ୍ର ଯୋଗଦେଇ ସାମ୍ବାଦିକ ଓ ଗଣମାଧ୍ୟମର ନୀତି ନିୟମ ଓ ସୁରକ୍ଷା ସମ୍ବନ୍ଧୀୟ ପ୍ରେସ କାଉନସିଲ ଗଠନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସାମ୍ବାଦିକମାନେ କାମଳ ସାମ୍ବାଦିକତାକୁ ପରିତ୍ୟାଗ କରି ସଦାସର୍ବଦା ସତ୍ୟ ସମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ସାମ୍ବାଦିକତା ଜାତୀୟ ପ୍ରଗତିର ଅଂଶ ଏବଂ ସାମ୍ବାଦିକମାନେ ସମାଜ,ଦେଶ, ମାନବବାଦ ଓ ପୃଥିବୀର ହିତ ପାଇଁ ସମସ୍ତ ପ୍ରଲୋଭନ,ଭୟ ଓ ଆଶଙ୍କାକୁ ଦୁରେଇଦେଇ କଲମଚାଳନା କରିବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର, ଗଣେଶ ଚନ୍ଦ୍ର ସାମଲ, ଆଶିଷ ସେନାପତି, ଚିତରଞ୍ଜନ ଦାସ, ଅମରବର ବିଶ୍ୱାଳ, ବୁଦ୍ଧିଜୀବି ଅଜୟ ସାମଲ, ଡ଼ଃ.ସର୍ବେଶ୍ୱର ସେଣ ପ୍ରମୁଖ ଜାତୀୟ ପ୍ରେସ ଦିବସର ଚଳିତବର୍ଷର ଆଲୋଚ୍ୟ ବିଷୟ ଉପରେ ମତବ୍ୟକ୍ତ କରିଥିଲେ । ଭାବଗ୍ରାହୀ କଳାନିକେତନ ପକ୍ଷରୁ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲାର ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

## ପାନାସୋନିକ ନେଇ ଆସିଛି ‘ଡ୍ରିମ ମୋର, ସେଲିବ୍ରେଟ ମୋର’ ପାର୍ବଣ ଅଫର

ଭୁବନେଶ୍ୱର: ପାର୍ବଣ ଉଲ୍ଲାସକୁ ଦ୍ୱିଗୁଣିତ କରିବା ପାଇଁ ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ପାନାସୋନିକ ଇଣ୍ଡିଆ ଏହାର ‘ଡ୍ରିମ ମୋର, ସେଲିବ୍ରେଟ ମୋର’ ପାର୍ବଣ ଅଫରର ଶୁଭାରମ୍ଭ କରିଛି । ଏହି ମେଗା ଅଫର ମାଧ୍ୟମରେ ଗ୍ରାହକମାନେ ୨୦୨୦ ଟୋକିଓ ଅଲମ୍ପିକ ଗେମ ପାଇଁ ଜାପାନକୁ ଏକ ଟ୍ରିପ ଏବଂ ପାନାସୋନିକର କେତେକ ନିର୍ଦ୍ଦିଷ୍ଟ ଗୃହୋପକରଣ ଏବଂ ଇଲେକ୍ଟ୍ରୋନିକ ସହ ନିଜ ଘରକୁ ସମ୍ପୂର୍ଣ୍ଣ ନୂଆ ରୂପ ଦେବାର ସୁଯୋଗ ପାଇପାରିବେ । ଏହି ପାର୍ବଣ ଅଫର ବିଷୟରେ ପାନାସୋନିକ ଇଣ୍ଡିଆର ସିଇଓ ଏବଂ ଅଧ୍ୟକ୍ଷ ଶ୍ରୀ ମନୀଷ ଶର୍ମା କହିଛନ୍ତି ଯେ, “ଏହି ଅଫର ମାଧ୍ୟମରେ ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣବତ୍ତାସମ୍ପର୍ଣ୍ଣ ଉପକରଣର ସମ୍ଭାର ସମେତ ଆକର୍ଷଣୀୟ ପୁରସ୍କାରରୁ ଲାଭ ମଧ୍ୟ ଉଠାଇ ପାରିବେ ।”
ଏହି ଅଫରରେ ପାନାସୋନିକର ଏଚଡି ଏବଂ ୪କେ ଟିଭିର ବଛା ବଛା ମଡେଲ ଗୁଡ଼ିକର ପ୍ୟାନେଲ ଗୁଡ଼ିକ ଉପରେ ୧+୧ ୱାରେଣ୍ଟି ଏବଂ ଜିରୋ ଫାଇନାନ୍ସ ସୁବିଧା, ଏୟାର କଣ୍ଡିସନର ଗୁଡ଼ିକରେ ପିସିବି ଇନଭର୍ଟର ଉପରେ ୧+୪ ବର୍ଷର ୱାରେଣ୍ଟି ଏବଂ ଇନଭର୍ଟର କମ୍ପ୍ରେସର ଉପରେ ୧୦ ବର୍ଷର ୱାରେଣ୍ଟି (ଇନଷ୍ଟଲେସନ ମାତ୍ର ଟ.୪୯୯ରେ) ରହିଛି । ସେହିଭଳି ରେଫ୍ରିଜେରେଟର ବଛା ବଛା ମଡେଲ ଗୁଡ଼ିକରେ ଦୁଇ ବର୍ଷର ଏବଂ ୧୦ ବର୍ଷର ୱାରେଣ୍ଟି ଏବଂ ୪୩”ପାନାସୋନିକ ଟିଭି ସମ୍ପୂର୍ଣ୍ଣ ମାଗଣା (ଡି୫୩୫ ମଡେଲରେ), ୱାସିଙ୍ଗ ମେସିନର ବଛା ବଛା ମଡେଲ ଗୁଡ଼ିକରେ ୨ ବର୍ଷର ବ୍ୟାପକ ୱାରେଣ୍ଟି ଏବଂ ୧୦ ବର୍ଷର ୱାରେଣ୍ଟି ସମେତ ଆକର୍ଷଣୀୟ ଫାଇନାନ୍ସିଆଲ ସୁବିଧା ବ୍ୟତୀତ ଆହୁରୀ ଅନେକ ଆକର୍ଷଣୀୟ ଅଫର ମଧ୍ୟ ଉପଲବ୍ଧ । ଏହା ବାଦ ଗ୍ରାହକମାନେ ଏଚଡିବି ଫାଇନାନ୍ସ ସେବା, ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏସବିଆଇ ଏବଂ ଏଚଡିଏଫସି ବ୍ୟାଙ୍କରେ ୧୦% ପର୍ଯ୍ୟନ୍ତ କ୍ୟାସବ୍ୟାକ ପାଇପାରିବେ ।

## ଇଣ୍ଡିଆଜ ଗ୍ରେଟ ପିପୁଲ ମ୍ୟାନେଜର୍ସ ତାଲିକାରେ ସ୍ଥାନ ପାଇଲେ ଫେଡକୋ କର୍ମଚାରୀ

ଭୁବନେଶ୍ୱର, (ପିଏନ୍): ଫିଡବ୍ୟାକ ଏନର୍ଜି ଡିଷ୍ଟ୍ରିବ୍ୟୁସନ କଂପାନି (ଫେଡକୋ)ର ତିନି ଜଣ ବରିଷ୍ଠ ଅଧିକାରୀ ଇଣ୍ଡିଆଜ ଗ୍ରେଟ ପିପୁଲସ ମ୍ୟାନେଜର୍ସ ଲିଷ୍ଟରେ ସାମିଲ ହୋଇଛନ୍ତି ଯାହା ହେଉଛି କଂପାନିର ଉତ୍କୃଷ୍ଟ କର୍ମ ସଂସ୍କୃତିର ପ୍ରତିଫଳନି।
ଗ୍ରେଟ ମ୍ୟାନେଜର ଇନଷ୍ଟିଚ୍ୟୁଟ ତରଫରୁ ପ୍ରସ୍ତୁତ କରାଯାଇଥିବା ଇଣ୍ଡିଆଜ ଟପ ୧୦୦ ଗ୍ରେଟ ପିପୁଲ ମ୍ୟାନେଜର୍ସ ଲିଷ୍ଟରେ ଫେଡକୋର ଶୈଳେଶ କାଲରାଓ (ଉପସଭାପତି), ରାଜେଶ କୁମାର ଭୋଇ (ଡିଭିଜନାଲ ମ୍ୟାନେଜର) ଓ ତାରାପଦ ସାହୁ (ମହାପ୍ରବନ୍ଧକ-କ୍ୱାଲିଟି ଆଣ୍ଡ କଷ୍ଟମର କେୟାର)ଙ୍କୁ ସ୍ଥାନ ମିଳିଛି।
‘‘ଆମର ଯାତ୍ରା ଅତି ଚମତ୍କାର ବୋଲି କହିପାରିବୁ! ଆମେ ଯେଉଁ ଠାରେ କାମ କରୁଛୁ ସେଠାରେ ଦୁଇଟି ବିଷୟ ଆମକୁ ଅନ୍ୟମାନଙ୍କ ଠାରୁ ଭିନ୍ନ କରିଛି-ଗୋଟିଏ ହେଉଛି ଏହା ଏକ ୨୪ ଘଂଟିଆ ଗ୍ରାହକ କେନ୍ଦ୍ରୀକ କ୍ଷେତ୍ରରେ ପରିଚାଳିତ ହେଉଛି ଏବଂ ଦ୍ୱିତୀୟ ହେଉଛି ଆମ ପାଖରେ କର୍ପୋରେଟ କର୍ମଚାରୀଙ୍କ ବ୍ୟତୀତ ଉଲ୍ଲେଖନୀୟ କ୍ଷେତ୍ର ଶ୍ରମ ଶକ୍ତି ରହିଛି ବୋଲି ଶ୍ରୀଯୁକ୍ତି ସମରଜିତ ମହାନ୍ତି, ସିଇଓ, ଫେଡକୋ କହିଛନ୍ତି।’’
ରାଜ୍ୟର ଚାରିଟି ବିଦ୍ୟୁତ ମଣ୍ଡଳ-ପୁରୀ, ବାଲୁଗାଁ, ଖୋର୍ଦ୍ଧା ଓ ନୟାଗଡ଼ରେ ବିତରଣ ଫ୍ରାଂଚାଇଜି ଭାବେ କାର୍ଯ୍ୟ କରୁଥିବା ଫେଡକୋ ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ରାଜସ୍ୱରେ ୧୪୨% ବୃଦ୍ଧି ଆଣିଥିବା ବେଳେ ଏଟି ଆଣ୍ଡ ସି କ୍ଷତିକୁ ୨୬% କମାଇ ପାରିଛି।
ଫୋର୍ବସ ଇଣ୍ଡିଆ ସହଯୋଗରେ ଗ୍ରେଟ ମ୍ୟାନେଜର୍ସ ଇନଷ୍ଟିଚ୍ୟୁଟ ତରଫରୁ କରାଯାଇଥିବା ଗ୍ରେଟ ପିପୁଲ ମ୍ୟାନେଜର ସର୍ବେକ୍ଷଣରେ ୪୦୦ରୁ ଅଧିକ ସଂସ୍ଥାକୁ ଅନୁଧ୍ୟାନ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।
ଗ୍ରେଟ ମ୍ୟାନେଜର ଇନଷ୍ଟିଚ୍ୟୁଟ ହେଉଛି ପିପୁଲ ମ୍ୟାନେଜରଙ୍କ ପାଇଁ ଏକ ବିଶ୍ୱ ସ୍ତରୀୟ ଜୀବନବ୍ୟାପୀ ଡିଜିଟାଲ କୋଚ ଓ ପ୍ରୋଫାଇଲର ଯାହା ହେଉଛି ବ୍ରାଣ୍ଡ ମୂଲ୍ୟର ଦୃଢ଼ ଶକ୍ତି, ଡାଟା ଆନାଲିଟିକ୍ସ ଏବଂ କମ୍ୟୁନିଟି ରୂପରେ ପ୍ରଯୁକ୍ତିକୁ ବ୍ୟବହାର କରି ଲୋକ ପରିଚାଳନାର ସଂଜ୍ଞା ବଦଳାଇବାକୁ ଲକ୍ଷ୍ୟ ରଖିଛି।

## ୩୩ତମ ବାର୍ଷିକ ଶାମ୍ବତ୍ସରିକ କ୍ରୀଡା ଉଦ୍‌ଘାଟିତ

କେନ୍ଦୁଝର,(ପିଏନ)-ସ୍ଥାନୀୟ ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ୩୩ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ଓ ଉଦ୍‌ଘାଟକ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସଂପାଦକ ଡଃ ଜନାର୍ଦ୍ଦନ ଦାଶ ଶିକ୍ଷା ବିକାଶ ସମିତି,ଉତ୍ତର ସମ୍ଭାଗ ସଭାପତି ସତ୍ୟନାରାୟଣ ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଉପସଭାପତି ଇଂ ହରମୋହନ ପଟ୍ଟନାୟକ, ସଂପାଦକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭା କାର୍ଯ୍ୟ ଯୋଗଦେଇ କ୍ରୀଡା ପିଲାମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କ୍ରୀଡାରେ ମୋଟ ୧୫୮୧ ଜଣ ଶିଶୁ ଭାଇଭଉଣୀ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଘାଟନ ସମାରୋହରେ ପିଲାମାନଙ୍କ ଦ୍ୱାରା ଉଦ୍‌ଘାଟନି ନୃତ୍ୟ, ବ୍ୟାୟାମଯୋଗ ଓ ଆସନ, ଏରୋବିକ ବ୍ୟାୟାମଯୋଗ, ଲେଜିୟମ, ସୂର୍ଯ୍ୟ ନମସ୍କାର, ବଳୟଯୋଗ ଆଦି ପ୍ରଦର୍ଶନ କରିଥିଲେ ।



## ସାମସଙ୍ଗ ପକ୍ଷରୁ ନୂତନ ଗାଲାକ୍ସି ଫୋଲ୍ଡର ଶୁଭାରମ୍ଭ

ଭୁବନେଶ୍ୱର: ଅଗ୍ରଣୀ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ବିଳାସପୂର୍ଣ୍ଣ ସ୍ମାର୍ଟଫୋନ୍ ଗାଲାକ୍ସି ଫୋଲ୍ଡର ଶୁଭାରମ୍ଭ କରିଛି, ଯାହା ଉନ୍ନତ ମାନର ଜୀବନ ଆଶା କରୁଥିବା ଗ୍ରାହକମାନଙ୍କୁ ଏକ ନୂତନ ଯୁଗର ସ୍ମାର୍ଟଫୋନ୍ ଡିଜାଇନ୍, ଜ୍ଞାନକୌଶଳ, ଓ ଗ୍ରାହକ ଅନୁଭୂତି ପ୍ରଦାନ କରୁଛି। ଏହାର ଚମତ୍କାର ୭.୩ ଇଞ୍ଚ ଇନ୍‌ଫିନିଟି ଫ୍ଲେକ୍ସ ଡିସ୍‌ପ୍ଲେ ଏକ ବୈପ୍ଳବିକ ଉଚ୍ଚ ମାନର ବୃହତ ସ୍କ୍ରିନ୍ ଅନୁଭୂତି ପ୍ରଦାନ କରୁଛି। ଏହା ଗ୍ରାହକଙ୍କ ପ୍ରିୟ ଗେମ୍, ଓ ଚଳଚ୍ଚିତ୍ରଗୁଡ଼ିକୁ ଜୀବନଠାରୁ ଅଧିକ ବଡ଼ କରୁଛି ଓ ସେମାନଙ୍କୁ ବାସ୍ତବିକ ଆନନ୍ଦ ପ୍ରଦାନ କରୁଛି। ଗାଲାକ୍ସି ଫୋଲ୍ଡ ଗ୍ରାହକମାନେ ମୋବାଇଲ୍ ଜଗତରେ ଗ୍ରାହକ ସେବା କ୍ଷେତ୍ରରେ ପ୍ରଥମ ଥର ପାଇଁ ଏକ ଉତ୍ସର୍ଗୀକୃତ ୨୪ଘ୭ ବିଶେଷଜ୍ଞ ସେବା ସହିତ ଅଭୂତପୂର୍ବ ଅନୁଭୂତି ପାଉଛନ୍ତି। ଗାଲାକ୍ସି ଫୋଲ୍ଡ ୧୨ ଜିବି ରାମ୍ ଓ ୫୧୨ ଜିବି ଇଣ୍ଟରନାଲ୍ ଷ୍ଟୋରେଜ୍ ସହିତ ଆସୁଛି ଏବଂ ପ୍ରିମିଅମ୍ କସ୍‌ମସ୍ ବ୍ଲାକ୍ ରଙ୍ଗରେ ମାତ୍ର ୧୬୪, ୯୯୯ ଟଙ୍କାରେ ଉପଲବ୍ଧ ହେଉଛି।
ଭାରତରେ ଗାଲାକ୍ସି ଫୋଲ୍ଡର ପ୍ରି-ବୁକିଂ ଅକ୍ଟୋବର ୪, ୨୦୧୯ରେ ଖୋଲୁଛି ଏବଂ ଏହାର ଯୋଗାଣ ଅକ୍ଟୋବର ୨୦, ୨୦୧୯ରେ ଆରମ୍ଭ ହେଉଛି। ପ୍ରି-ବୁକିଂ ପାଇଁ ଗାଲାକ୍ସି ଫୋଲ୍ଡ ସାମସଙ୍ଗର ଅଫିସିଆଲ୍ ଅନ୍‌ଲାଇନ୍ ଷ୍ଟୋର୍, ସାମସଙ୍ଗ ସପ୍ ଏବଂ ୩୫ଟି ସହରରେ ଥିବା ୩୧୫ ଆଉଟ୍‌ଲେଟ୍ ସହିତ ବେଙ୍ଗାଲୁରୁରେ ଥିବା ସ୍ୱତନ୍ତ୍ର ସାମସଙ୍ଗ ଅପେରା ହାଉସ୍‌ରେ ଉପଲବ୍ଧ ହେଉଛି।
ଏଚ୍‌ସି ହଙ୍ଗ, ସାମସଙ୍ଗ ଦକ୍ଷିଣ ପଶ୍ଚିମ ଏସିଆର ସଭାପତି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତିଯେ, “ଗାଲାକ୍ସି ଫୋଲ୍ଡ ସହିତ ଆମେ ସାମ୍ଭାବ୍ୟତାଠାରୁ ଉପରକୁ ଯାଉଛୁ ଏବଂ ଅନ୍ୟମାନଙ୍କ ଠାରୁ ଭିନ୍ନ ଏକ ଡିଭାଇସ୍‌ର ଶୁଭାରମ୍ଭ କରି ମୋବାଇଲ୍ ବିଭାଗକୁ ପୁନଃବିଶ୍ଳେଷିତ କରୁଛୁ। ସାମସଙ୍ଗ ସ୍ମାର୍ଟଫୋନ୍ ଡିଜାଇନ୍ ପାଇଁ ସମ୍ପୂର୍ଣ୍ଣ ଭାବେ ଏକ ନୂତନ ଛାପ ପ୍ରସ୍ତୁତ କରୁଛି ଏବଂ ଆମେ ଗ୍ରାହକ ଅନୁଭୂତିକୁ ଏକ ପରବର୍ତ୍ତୀ ସ୍ତରକୁ ନେବା ବଜାୟ ରଖିବୁ।” ରଞ୍ଜିବଜିତ୍ ସିଂହ, ମୁଖ୍ୟ ବିପଣନ ଅଧିକାରୀ ଓ ବରିଷ୍ଠ ଉପସଭାପତି, ମୋବାଇଲ୍ ବ୍ୟବସାୟ, ସାମସଙ୍ଗ ଇଣ୍ଡିଆ କହିଛନ୍ତି, “ଗାଲାକ୍ସି ଫୋଲ୍ଡ ଏକ ମୁଖ୍ୟ-ପରିବର୍ତ୍ତନକାରୀ ଅଟେ। ଗାଲାକ୍ସି ଫୋଲ୍ଡ ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ଷ୍ଟାଇଲ, ଡିଜାଇନ୍, ବିଳାସପୂର୍ଣ୍ଣତା କ୍ଷେତ୍ରରେ ସେମାନଙ୍କ ଜୀବନରେ ସର୍ବୋତ୍ତମତା ଚାହୁଁଛନ୍ତି।

## ଜବାହର ନବୋଦୟ ବିଦ୍ୟାଳୟର ୫୬୦ ଛାତ୍ରଛାତ୍ରୀଙ୍କ ପାଇଁ ସାମସଙ୍ଗ ଷ୍ଟାର ସ୍କଲାର କାର୍ଯ୍ୟକ୍ରମ

ଭୁବନେଶ୍ୱର: ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଏହାର ସାମସଙ୍ଗ ଷ୍ଟାର ସ୍କଲାର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଜବାହର ନବୋଦୟ ବିଦ୍ୟାଳୟର ୫୬୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତିର ଘୋଷଣା କରିଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତି ବର୍ଷ ସାମସଙ୍ଗ ମେଧାବୀ ଜେଏନଭି ଛାତ୍ରଛାତ୍ରୀ ମାନଙ୍କୁ ଭାରତର ଯେକୌଣସି ଭାରତୀୟ ଆଇଆଇଟି ଓ ଏନ୍‌ଆଇଟି ପ୍ରତିଷ୍ଠାନରେ ବି.ଟେକ୍ ଓ ଏମ୍.ଟେକ୍ ପାଠ୍ୟକ୍ରମ କୁ ଆଗକୁ ବଢ଼ାଇବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରୁଛି। ସାମସଙ୍ଗ ଇଣ୍ଡିଆ ବର୍ତ୍ତମାନ ୨୦୧୯-୨୦୨୦ ଶିକ୍ଷା ବର୍ଷ ପାଇଁ ଛାତ୍ରବୃତ୍ତି ଆବେଦନ ଗ୍ରହଣ କରିଛି, ଯେବେକି ଆବେଦନ ଏବଂ ସମସ୍ତ ପ୍ରଯୁଜ୍ୟ କାଗଜପତ୍ର ଗୁଡ଼ିକ ଦାଖଲ କରିବାର ଅନ୍ତୀମ ତାରିଖ ହେଉଛି ୧୦ ଡିସେମ୍ବର, ୨୦୧୯ ।
ଏହି ସାମସଙ୍ଗ ଷ୍ଟାର ସ୍କଲାର କାର୍ଯ୍ୟକ୍ରମ ଗୋଟିଏ ଶିକ୍ଷାବର୍ଷ ପାଇଁ ଟ୍ୟୁସନ, ପରୀକ୍ଷା, ହଷ୍ଟେଲ୍ ଓ ମେସ୍ ଖର୍ଚ୍ଚ ବାବଦକୁ ବାର୍ଷିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରୁଛି । ଏହା ସହିତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯଦି କୌଣସି ଛାତ୍ର ଅନୁଷ୍ଠାନରେ ତାଙ୍କର ପାଠ୍ୟକ୍ରମରେ ପରବର୍ତ୍ତୀ ବର୍ଷ ପାଇଁ କେତେକ ନିର୍ଦ୍ଦିଷ୍ଟ ନୀୟମର ପାଳନ କରନ୍ତି ତେବେ ଛାତ୍ରବୃତ୍ତିକୁ ନବୀକରଣ କରି ସଂପ୍ରସାରିତ କରାଯାଇପାରେ । ‘ସାମସଙ୍ଗ ଷ୍ଟାର୍ ସ୍କଲାର୍ସିପ’ କାର୍ଯ୍ୟକ୍ରମ ବିଷୟରେ ଅଧିକ ଜାଣିବା ପାଇଁ ଛାତ୍ରଛାତ୍ରୀମାନେ https://www.samsung.com/in/microsite/sapne-hue-bade/star-scholar/ ୱେବସାଇଟ କୁ ଯାଇ ଦେଖି ପାରିବେ ।
ଏହା ସମ୍ପର୍କରେ ସାମସଙ୍ଗ ଇଣ୍ଡିଆର କର୍ପୋରେଟ୍ ଉପାଧ୍ୟକ୍ଷ ପିଟର୍ ରି କହିଛନ୍ତି ଯେ “ ଯେହେତୁ ସାମସଙ୍ଗ ଷ୍ଟାର୍ ସ୍କଲାରସିପ୍ ଏହାର ଚତୁର୍ଥ ବର୍ଷରେ ପଦାର୍ପଣ କରିଛି, ତେଣୁ ଏହି ବର୍ଷ ଆମେ ଉକ୍ତ ଛାତ୍ରବୃତ୍ତିକୁ ୫୬୦ ଜବାହାର ନବୋଦୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରି ଏହାକୁ ସଂପ୍ରସାରିତ କରିଛୁ। ଏହି ଛାତ୍ରବୃତ୍ତି ଭବିଷ୍ୟତରେ ଜଣେ ସଫଳ ଇଞ୍ଜିନିୟର ହେବାର ସେମାନଙ୍କର ସ୍ୱପ୍ନକୁ ପୂରଣ କରିବ।”

## ୫୦ଟି କ୍ଷେତ୍ରରେ କୌଶଳ ପ୍ରତିଯୋଗୀତା ପାଇଁ ଇଣ୍ଡିଆ ସ୍କିଲ୍ସ ୨୦୨୦ ରେ ପଞ୍ଜିକରଣ ଆରମ୍ଭ

ଭୁବନେଶ୍ୱର-ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ କୌଶଳ ପ୍ରଦର୍ଶନ ପାଇଁ ପ୍ରତି ଦୁଇ ବର୍ଷରେ ହେଉଥିବା ଇଣ୍ଡିଆ ସ୍କିଲ୍ସ ୨୦୨୦ ପ୍ରତିଯୋଗୀତା ରେ ଅନଲାଇନ ପଞ୍ଜିକରଣ ଆରମ୍ଭ ଘୋଷଣା କୌଶଳ ବିକାଶ ଓ ଉଦ୍ୟମୀତା ମନ୍ତ୍ରୀ ଡଃ ମହେନ୍ଦ୍ର ନାଥ ପାଣ୍ଡେ କରିଛନ୍ତି।
ଏହି ପ୍ରତିଯୋଗୀତା କୁଶଳୀ ଓ ପ୍ରତିଭାସମ୍ପନ୍ନ ଯୁବ ବର୍ଗକୁ ସେମାନଙ୍କର କୌଶଳ ୫୦ଟି କ୍ଷେତ୍ରରେ ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇବେ । ଆଂଚଳିକ ରାଉଣ୍ଡରେ ପ୍ରତିଯୋଗୀତା ୪ ଟି ଜୋନ ମଧ୍ୟରେ ହୋଇ ଜାତୀୟ ସ୍ତରରେ ସମାପନ ହେବ। ଏହି ପ୍ରତିଯୋଗୀତାର ବିଜେତା ଦେଶକୁ ପ୍ରତିନିଧିତ୍ୱ କରି ଚାଇନା ଠାରେ ୨୦୨୧ ମସିହାରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗୀତାରେ ଭାଗନେବେ ।ଡଃ ମହେନ୍ଦ୍ର ନାଥ ପାଣ୍ଡେ କହିଛନ୍ତି, “ବିଶ୍ୱର କୌଶଳ ରାଜଧାନୀ ରୂପେ ଭାରତକୁ ଗଢି ତୋଳିବା ଲକ୍ଷ ନେଇ ଇଣ୍ଡିଆ ସ୍କିଲ୍ସ ୨୦୨୦ ପ୍ରତିଯୋଗୀ ମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦେବେ । ଇଣ୍ଡିଆ ସ୍କିଲ୍ସ ୨୦୧୯ ଅବିଶ୍ୱସନୀୟ ସଫଳତା ପାଇପାରିଥିଲା। ଆମର ବିଶ୍ୱାସ ଯେ ଇଣ୍ଡିଆ ସ୍କିଲ୍ସ ୨୦୨୦ ଅଧିକ ପ୍ରତିଯୋଗୀଙ୍କ ସହ ଏହି ଦୃଢ ଟିମ ପାଇପାରିବ।”
ଏହି ପ୍ରତିଯୋଗୀତା ପାଇଁ ଇଚ୍ଛୁକ ପ୍ରତିଯୋଗୀ www.worldskillsindia.co.in ରେ ପଞ୍ଜିକରଣ କରିପାରିବେ। ଏଥିପାଇଁ ଜାନୁଆରୀ ୧, ୧୯୯୯ ପରେ ଜନ୍ମ ହୋଇଥିବା ଆବଶ୍ୟକ। ଏହି ଯୁବ ଗୋଷ୍ଠୀ ୫୦ରୁ ଉର୍ଦ୍ଧ୍ୱ କୌଶଳ କ୍ଷେତ୍ର ଯଥା ମେକାଟ୍ରୋନିକସ, ମ୍ୟାନୁଫାକ୍‌ଚରିଂ, ଏରୋନୋଟିକାଲ ଇଞ୍ଜିନିୟରିଂ, କ୍ଲାଉଡ କମ୍ପୁଟିଂ, ସାଇବର ସିକ୍ୟୁରିଟି, ବେକିଂ, ବିୟୁଟି ଥେରାପି, ହେୟାର ଡ୍ରେସିଂ, କାର୍ପେନ୍ଟ୍ରି, ୱାଟର ଟେକ୍ନୋଲୋଜି, ଆଇଟି ନେଟୱାର୍କିଂ ରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିବେ ।




# ଆମେ ଓ ଆମ ପରିବେଶର ପଶୁପକ୍ଷୀ



ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ । ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ । ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି । ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହି ଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ**

# ବୟସ୍କଙ୍କ ପାଇଁ ଆଇନ୍‌ର ସାହାରା



ରାଜ୍ୟର ବିଭିନ୍ନ ଓଲ୍‌ଡ଼ ଏଜ୍ ହୋମ୍‌ରୁ ମିଳିଥିବା ଅଭିଯୋଗ ପତ୍ରକୁ ଆଧାରକୁ ନେଇ ରାଜ୍ୟ ସରକାର ଏହି ଆଇନ ଲାଗୁ କରିଛନ୍ତି। ବିଭିନ୍ନ ଓଲ୍‌ଡ଼ ଏଜ୍ ହୋମ୍‌ରେ ଜୀବନ କାଟୁଥିବା ବୟସ୍କ ଲୋକମାନଙ୍କ ଠାରୁ ଜଣାପଡ଼ିଥିଲା ଯେ ପିଲାମାନେ ମୋଟା ଅଙ୍କର ରୋଜଗାର କରୁଥିଲେ ମଧ୍ୟ ବାପା-ମାଆଙ୍କ ଯତ୍ନ ନନେଇ ସେମାନଙ୍କୁ ଓଲ୍‌ଡ଼ ଏଜ୍ ହୋମ୍‌ରେ ଛାଡ଼ି ଦେଇ ଆସୁଛନ୍ତି। ଆସାମ ସରକାରଙ୍କ ଏହି ନିଷ୍ପତ୍ତି ସାରାଦେଶରେ ଏକ ନୂତନ ବିତର୍କକୁ ଜନ୍ମ ଦେଇଛି। ତେବେ ଅଧିକାଂଶ ଜନତା ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛନ୍ତି।

ଦେଶରେ ବୟସ୍କମାନଙ୍କ ଅବସ୍ଥା ଖୁବ୍ ଚିନ୍ତାଜନକ। ନିଜ ପିଲାମାନଙ୍କ ପାଇଁ ଜୀବନର ସୁଖ ତ୍ୟାଗ କରିବା ପରେ ଯେତେବେଳେ ସେମାନଙ୍କୁ ଯତ୍ନର ଆବଶ୍ୟକତା ହୁଏ ସେତେବେଳେ ତାଙ୍କ ପାଖରେ କେହି ନଥା'ନ୍ତି। ଗତବର୍ଷ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଦେଶରେ ୧୦ଜଣରୁ ୬ଜଣ ଅଲଗା ରହିବାକୁ ବାଧ୍ୟ ହୁଅନ୍ତି। ୩୭ ପ୍ରତିଶତ ବୟସ୍କଙ୍କ ମତ ଆମ ପିଲାମାନେ ଆମ ସହ ଖରାପ ବ୍ୟବହାର କରୁଛନ୍ତି। ୨୦ ପ୍ରତିଶତଙ୍କ ମତ ପିଲାମାନେ ଆମକୁ କାହା ସହ ମିଳାମିଶା କରିବାକୁ ଦିଅନ୍ତି ନାହିଁ। ୧୩ ପ୍ରତିଶତ ବୟସ୍କଙ୍କୁ ସେମାନଙ୍କ ପିଲାମାନେ ଜରୁରୀ ସାମଗ୍ରୀ ମଧ୍ୟ ଉପଲବ୍ଧ କରାନ୍ତି ନାହିଁ। ସମାନ ସଂଖ୍ୟକ ବୟସ୍କ ନିଜ ସନ୍ତାନଙ୍କଠାରୁ ଗାଳି ଶୁଣିବା ସହ ଶାରୀରିକ ଦୁର୍ବ୍ୟବହାରର ଶିକାର ହୁଅନ୍ତି। ଦୁଃଖର ବିଷୟ ହେଉଛି ବୟସ୍କଙ୍କ ସହ ଦୁର୍ବ୍ୟବହାରର ସୀମା ସାମାଜିକ କିମ୍ବା ଆର୍ଥିକ ପ୍ରସଙ୍ଗ ମଧ୍ୟରେ ସୀମିତ ନୁହେଁ। ଏମିତି ନୁହେଁ ଯେ କେବଳ ଦରିଦ୍ର ବର୍ଗର ବୟସ୍କ ଲୋକଙ୍କ ସହ ଏମିତି ହେଉଛି, ଧନୀବର୍ଗର ବୟସ୍କ ଲୋକମାନେ ଅଭିଯୋଗ କରୁଛନ୍ତି ଆମ ପୁଅ, ନାତି ଆମ ସହ ଭଲ ବ୍ୟବହାର କରୁନାହାନ୍ତି। ଏଥିରୁ ଜଣାପଡୁଛି ବୟସ୍କମାନଙ୍କ ସମସ୍ୟା କେବଳ ଆର୍ଥିକ ନୁହେଁ, ଯଦି ସରକାର ପୁଅମାନଙ୍କ ଦରମାରୁ କାଟି ବାପା-ମା'ଙ୍କୁ ଦିଅନ୍ତି, ତା'ହେଲେ ମଧ୍ୟ ସମସ୍ୟା ଅଧିକ ସୁଧୁରିଯିବ ନାହିଁ। ସରକାର ସେମାନଙ୍କ ଭରଣପୋଷଣର ସିନା ବ୍ୟବସ୍ଥା କରିଦେବେ, କିନ୍ତୁ ଏହା ସମସ୍ୟାର ଗୋଟିଏ ଦିଗ ମାତ୍ର। ଏହାର ଆହୁରି ଅନ୍ୟ ବଡ଼ ଦିଗ ରହିଛି।

ବୟସ୍କମାନଙ୍କ ସମସ୍ୟା ମୁଖ୍ୟତଃ ଚାରି ପ୍ରଚାରର। ବୟସ୍କମାନଙ୍କ ମଧ୍ୟରୁ ଅଧିକାଂଶ ଏହି କାରଣରୁ ଦୁଃଖୀ ଯେ ତାଙ୍କ ପିଲାମାନେ ତାଙ୍କୁ ତିରସ୍କାର କରନ୍ତି, ଗାଳିଗୁଲଜ କରନ୍ତି ଏବଂ ମାନସିକ ନିର୍ଯାତନା ଦିଅନ୍ତି। ସେମାନଙ୍କ ମତ ଭୋକରେ ରହିହେବ, ରୋଗର ଯନ୍ତ୍ରଣା ସହିହେବ କିନ୍ତୁ ନିଜ ପିଲାଙ୍କ ଦ୍ୱାରା ଦିଆଯାଉଥିବା ଯନ୍ତ୍ରଣା ସହିହେବ ନାହିଁ। ଅର୍ଥାଭାବ ଅନ୍ୟତମ ବଡ଼ ସମସ୍ୟା। ଯେଉଁମାନେ ଚାକିରି କରିଥା'ନ୍ତି ସେମାନଙ୍କ ଅବସ୍ଥା ଭଲ। କାରଣ ପେନ୍‌ସନ ଦ୍ୱାରା ନିଜ ଖର୍ଚ୍ଚ ଚଳାଇ ନିଅନ୍ତି। କିନ୍ତୁ ଯେଉଁମାନଙ୍କର ଆର୍ଥିକ ସ୍ଥିତି ଖରାପ, ସେମାନେ ସରକାରଠାରୁ ମିଳୁଥିବା ବୃଦ୍ଧାବସ୍ଥା ପେନ୍‌ସନକୁ ଭରସା କରନ୍ତି, ସେମାନେ ଅଧିକ କଷ୍ଟରେ ରୁହନ୍ତି। ପ୍ରଥମତଃ ପେନ୍‌ସନର ପରିମାଣ କମ୍, ଦ୍ୱିତୀୟରେ ଏହା ଅନିୟମିତ। ତେଣୁ ଅତି ଜରୁରୀ ସାମଗ୍ରୀ ମଧ୍ୟ ସେମାନଙ୍କୁ ମିଳେ ନାହିଁ। ନ୍ୟାସନାଲ କ୍ରାଇମ୍ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁଯାୟୀ ବୟସ୍କମାନଙ୍କ ପ୍ରତି ଅପରାଧର ମାମଲା ମଧ୍ୟ ଅଧିକ। ୨୦୧୫ ମସିହାରେ ବୟସ୍କମାନଙ୍କୁ ହତ୍ୟା, ଲୁଟ୍‌ପାଟ୍ ଏବଂ ମାଡ଼ଗୋଳର ୧୨୪୮ଟି ମାମଲାରେ କେସ୍ ଦାଏର ହୋଇଛି। ଏତିକି ମାମଲା ଥାନାକୁ ଯାଇଛି, କିନ୍ତୁ ଥାନାକୁ ଯାଇନଥିବା ମାମଲା ପରିମାଣ ଏହାଠାରୁ କେଇଗୁଣ ଅଧିକ ବୋଲି ଆକଳନ କରାଯାଉଛି। ନିଜ ପରିଜନଙ୍କ ପାଖରେ ସେମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ଅର୍ଥ ଥାଇ ନିଜର କାମ ପାଇଁ ଚାକରବାକର ମଧ୍ୟ ରଖିପାରନ୍ତି ନାହିଁ। ବୟସ୍କମାନଙ୍କର ସବୁଠାରୁ ବଡ଼ ସମସ୍ୟା ସ୍ୱାସ୍ଥ୍ୟ ଖରାପ ସ୍ୱାସ୍ଥ୍ୟାବସ୍ଥା ସେମାନଙ୍କୁ ନାଚାର କରିଦେଉଛି। କ୍ରମବର୍ଦ୍ଧିଷ୍ଣୁ ମେଡ଼ିକାଲ ବିଲ୍ ସହ ଦୂରାରୋଗ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେମାନେ ପିଲାମାନଙ୍କ ଦୁର୍ବ୍ୟବହାର ସହିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ଡାକ୍ତରଖାନା ମାନଙ୍କରେ ଆବଶ୍ୟକ ସବୁପ୍ରକାର ସୁବିଧା ନଥିବାରୁ ଏବଂ ପ୍ରାଇଭେଟ ଡାକ୍ତରଖାନାମାନଙ୍କର ମହଙ୍ଗା ଖର୍ଚ୍ଚ ସେମାନଙ୍କୁ ନାନା ପ୍ରକାର ରୋଗର ଯନ୍ତ୍ରଣା ସହିବାକୁ ବାଧ୍ୟ କରୁଛି। ଅନେକ ସମୟରେ ପିତା ମାତାଙ୍କୁ ଯତ୍ନରେ ରଖୁଥିବା ପିଲାମାନେ ମଧ୍ୟ ଏତେ ମହଙ୍ଗା ଖର୍ଚ୍ଚ କରିବାକୁ ଅସମର୍ଥ ହେଉଛି। ତେବେ ପ୍ରଶ୍ନ ହେଉଛି ଯଦି ବାପାମାଙ୍କ ଯତ୍ନ ନ କଲେ ଦରମାରୁ ୧୦ ପ୍ରତିଶତ ଅଂଶ କାଟି ଦେଇଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ କି ? ଏହାକୁ ନେଇ ବିଶେଷଜ୍ଞମାନଙ୍କର ମତ ଭିନ୍ନ ଭିନ୍ନ। କିଛି ବିଶେଷଜ୍ଞଙ୍କ ମତ ଏହାଦ୍ୱାରା ପିଲାମାନଙ୍କ ଉପରେ ଚାପ ରହିବ। ପିତାମାତାଙ୍କ ଅବହେଳା କରିବାରୁ ଦରମା କାଟ ହେଲା - ଏହା ଏକ ସାମାଜିକ ଲଜ୍ଜା ସୃଷ୍ଟି କରିବ। ତେଣୁ ଇଚ୍ଛାରେ ନହେଲେ ବି ବାଧ୍ୟବଶତଃ ପିଲାମାନେ ବାପା ମା'ଙ୍କ ଯତ୍ନ ନେବେ ଓ ଥାନା କଚେରୀ ପର୍ଯ୍ୟନ୍ତ କଥା ଯିବନି।

ସମାଜସେବା ଓ ବିଶେଷକରି ଓଲ୍‌ଡ଼ ଏଜ୍ ହୋମ୍ ଚଳାଉଥିବା ଏନ୍‌ଜିଓ କର୍ମୀମାନଙ୍କ ମତ କେବଳ ପୁଅବୋହୂଙ୍କର ଭୁଲ ବୋଲି କହିଲେ ହେବନାହିଁ, ଅଧିକାଂଶ କ୍ଷେତ୍ରରେ ଭୁଲ ବୟସ୍କ ପିତାମାତାଙ୍କର ହିଁ ଥାଏ। ତେବେ ବୟସ ଓ ସେମାନଙ୍କ ଶାରୀରିକ ଅସାମର୍ଥ୍ୟକୁ ନେଇ ପୁଅ-ବୋହୂ ସବୁ ଚଳେଇ ନିଅନ୍ତୁ ବୋଲି ଆଶା କରାଯାଏ। ଅଧିକାଂଶ କ୍ଷେତ୍ରରେ ଶାଶୁ-ଶ୍ୱଶୁର ପରପିଢ଼ିର ପରିସ୍ଥିତିକୁ ବୁଝନ୍ତି ନାହିଁ। ଏପରି ଛୋଟ ନାତିନାତୁଣୀଙ୍କ ସୁବିଧା ସହ ମଧ୍ୟ ସାଲିସ୍ କରନ୍ତି ନାହିଁ। ସେମାନେ ଭାବନ୍ତି ଆମେ ଯେହେତୁ ବାପା-ମା', ପୁଅ ପାଇଁ କରିଛୁ ତେଣୁ ପ୍ରଥମେ ଆମ ସୁବିଧା ଦେଖାଯିବ। କିନ୍ତୁ ସେମାନେ ବୁଝନ୍ତି ନାହିଁ ଯେ ତାଙ୍କ ପୁଅମାନେ ବି ବାପା ଭୂମିକାକୁ ଗଲେଣି। କିନ୍ତୁ ବାପା-ମା' ଏହାକୁ ସ୍ୱୀକାର କରିବାକୁ ରାଜି ନୁହଁନ୍ତି। ସେମାନେ ନୂତନ ପିଢ଼ି ସହ ପାଦ ମିଳାଇ ପାରୁନାହାନ୍ତି ବା ପାଦ ମିଳାଇବାକୁ ରାଜି ନୁହନ୍ତି। ଯଦି ଯେତେ ଯତ୍ନଝରେ ସେବା କଲେ ବି ବହୁ ବୟସ୍କ ଲୋକ ଏଥିରେ ଦୋଷ ଖୋଜୁଥାନ୍ତି। ଏହାକୁ ସେମାନଙ୍କ ମାନସିକ ସମସ୍ୟା ବୋଲି ଚିନ୍ତା କରି ଅଣଦେଖା କରାଯିବା ଅନେକ ଅଶାନ୍ତିରୁ ମୁକ୍ତି ଦେଇଥାଏ। ସବୁଠାରୁ ବଡ଼ କଥା ହେଉଛି ପିତା-ମାତାଙ୍କ ସହ ସମ୍ପର୍କ ଭାବପ୍ରବଣତାର ସମ୍ପର୍କ। ଆଇନ ଏଥିରେ କିଛି କରିପାରିବ ନାହିଁ। ଆଇନ ସେମାନଙ୍କୁ ଗଣ୍ଡେ ଖାଇବା ପିନ୍ଧିବାରେ ବ୍ୟବସ୍ଥା କରାଇ ଦେଇପାରିବ କିନ୍ତୁ ପରିବାରର ପ୍ରେମ ଦେଇପାରିବ ନାହିଁ। ତେବେ କେତେକ ସମାଜଶାସ୍ତ୍ରୀଙ୍କ ମତ ଆଇନର ଏ ରାସ୍ତା ପିତା-ପୁତ୍ର ସମ୍ପର୍କରେ ତିକ୍ତତା ଭରିଦେବ ଏଇଟା ଠିକ୍। କିନ୍ତୁ ଯେଉଁ ପୁଅ ବାପାଙ୍କ ଦାୟିତ୍ୱ ନେଇନି ତା ସହ ସମ୍ପର୍କ ତୁଟିଗଲେ ବି କ୍ଷତି କ'ଣ? ଅତିକମ୍‌ରେ ଖାଇବା ପିଇବା ତ ଅସୁବିଧା ରହିବନି। ଏହି ଆଇନର ସମର୍ଥନ କରୁଥିବା ଲୋକମାନଙ୍କ ମତ ସାମାଜିକ ସୁରକ୍ଷାର ଘୋର ଅଭାବ ଥିବା ଏହି ଦେଶରେ ଏ ଆଇନ ବୟସ୍କମାନଙ୍କ ପାଇଁ ଏକ ଆଶ୍ରା ସଦୃଶ ହେବ। ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କ ମତ କେବଳ ଅର୍ଥ ମିଳିଗଲେ ବୟସ୍କମାନଙ୍କର ଅବସ୍ଥା ସୁଧୁରିଯିବ ନାହିଁ। ବୟସ୍କମାନଙ୍କୁ ଅର୍ଥ ଅପେକ୍ଷା ନିଜ ଲୋକଙ୍କ ଭଲପାଇବା ଅଧିକ ଦରକାର ଯାହା ଆଇନ ଦେଇପାରିବ ନାହିଁ।

**ଯୁଧିଷ୍ଠିର ମହାରଣା, ଆଡ୍‌ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮**

# ଲାଇଫ୍ ଷ୍ଟାଇଲ୍ ଡିଜିଜ୍ ଉପରେ ସଚେତନ ହେଉଛନ୍ତି ଲୋକେ



ଭୁବନେଶ୍ୱର (ପିଏନ୍): ଅବ୍ୟବସ୍ଥିତ ଜୀବନାଶୈଳୀ, ବେପରୁଆ ଜୀବନ, କର୍ମବ୍ୟସ୍ତର ଚାପ, ଯାବତୀୟ ଶାରୀରିକ ଓ ମାନସିକ ଷ୍ଟ୍ରେସ୍ ଭିତରେ ବି ଭାରତୀୟଙ୍କ ଆୟୁଷ ବଢୁଛି। ଗତ ଦୁଇ ବର୍ଷ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁ ଅତିକମ୍‌ରେ ୬୭ ବର୍ଷରୁ ଉର୍ଦ୍ଧ୍ୱ ବଞ୍ଚିବେ। ଜନ୍ମ, ମୃତ୍ୟୁ ଓ ରୋଗକୁ ନେଇ ହୋଇଥିବା ଗବେଷଣାର ରିପୋର୍ଟକୁ ଆଧାର କରି ଏହି ତଥ୍ୟରେ ଉଲ୍ଲେଖ ରହିଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ୬୮ରୁ ୬୯ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାକୁ ସକ୍ଷମ ହେଉଛନ୍ତି। କିନ୍ତୁ ଭାରତ ତୁଳନାରେ ଅନ୍ୟ ଉନ୍ନତ ଦେଶମାନେ ଯଥେଷ୍ଟ ଆଗରେ ରହିଛନ୍ତି। ଉଦାହରଣ ଭାବେ ଏକ୍ଷେତ୍ରରେ ଜାପାନ ବିଶ୍ୱରେ ସବୁଠୁ ଆଗରେ ରହିଥିବା ଦେଖାଯାଇଛି। କାରଣ ଏହି ରାଷ୍ଟ୍ରର ଲୋକଙ୍କ ହାରାହାରି ଆୟୁଷ ପ୍ରାୟ ୮୪ ବର୍ଷ ଥିବାବେଳେ ଅନ୍ୟ ବିକଶିତ ରାଷ୍ଟ୍ର ଯଥା ଅଷ୍ଟ୍ରେଲିଆ, ଆମେରିକା, ସୁଇଜରଲ୍ୟାଣ୍ଡ, ଇଟାଲୀ ଓ ସ୍ପେନ ଭଳି ରାଷ୍ଟ୍ରମାନଙ୍କରେ ଲୋକଙ୍କ ହାରାହାରି ଆୟୁଷ ୮୦ ବର୍ଷ ରହିଛି। କିନ୍ତୁ ଏହି ତୁଳନାରେ ଆଫ୍ରିକୀୟ ରାଷ୍ଟ୍ର ଯଥା ନାଇଜେରିଆ, ସୋମାଲିଆ, ଆଙ୍ଗୋଲା ଓ ମୋଜାମ୍ବିକ ଭଳି ଦେଶଗୁଡ଼ିକରେ ବିଭିନ୍ନ ରୋଗଜନିତ ମୃତ୍ୟୁ ଅଧିକ ହେଉଥିବାରୁ ଏଠାକାର ଲୋକଙ୍କ ହାରାହାରି ଆୟୁଷ ୫୦ବର୍ଷ ମଧ୍ୟରେ ସୀମିତ ରହିଛି। ଏହି କ୍ରମରେ ଦେଖିଲେ ଭାରତରେ କେରଳ ରାଜ୍ୟରେ ଲୋକଙ୍କ ଆୟୁଷ ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ଅଧିକ ରହିଛି। ଏହି ରାଜ୍ୟରେ ଲୋକଙ୍କ ହାରାହାରି ଆୟୁଷ ୭୪ରେ ଥିବାବେଳେ ଓଡ଼ିଶାରେ ଏହି ହାର ୫୯.୬ ରହିଥିବା ୟୁଏନ୍‌ଓପି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହ୍ୟୁମାନ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସରେ ଦର୍ଶାଯାଇଛି। ତଥାପି ଭାରତ ଖାସ୍ କରି ଓଡ଼ିଶାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଏହି ରିପୋର୍ଟର ମତ। ଆଗପରି ଅବସ୍ଥା ଆଉ ନାହିଁ। ଏବେ ରୋଗ ନିରୂପଣ ସହଜ ହୋଇଯାଇଛି। ଲୋକେ ସ୍ୱାସ୍ଥ୍ୟ ପ୍ରତି ଅନେକ ମାତ୍ରାରେ ସଚେତନ ହୋଇପଡ଼ିଛନ୍ତି। ଏପରିକି ଘରେ ବସି ମଧ୍ୟ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା ମାତ୍ରେ ଲୋକେ ବିଭିନ୍ନ ରୋଗର ଆଶଙ୍କା କରିପାରୁଛନ୍ତି ଯାହା ୫୦ବର୍ଷ ତଳେ ଲୋକେ ଜାଣିପାରୁ ନଥିଲେ। ଏବେ ସ୍ୱାସ୍ଥ୍ୟରେ ସାମାନ୍ୟ ଅସୁବିଧା ହେଲେ ଲୋକେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ମୁଖ୍ୟତଃ ଲାଇଫ ଷ୍ଟାଇଲ ଡିଜିଜ ଯଥା ମଧୁମେହ, ରକ୍ତଚାପ, ବିଷାଦ, ମୋଟାପଣ, ଲିଭରଜନିତ ଲିଭରସିରୋସିସ୍, ପେଟଜନିତ ଗ୍ୟାସ ସମସ୍ୟା ଭଳି ରୋଗ ବାବଦରେ ଲୋକେ ବେଶ୍ ସଚେତନ ହେଉଛନ୍ତି। ସଂପ୍ରତି ମଦ୍ୟପାନ ଜନିତ ଜଟିଳ ରୋଗର ସମସ୍ୟା ସମାଜକୁ ଭାରାକ୍ରାନ୍ତ କରୁଥିବାବେଳେ ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍, ପେଟରେ ପାଣି ଜମିବା, ଲିଭର କ୍ୟାନସର ଦେଖାଯାଉଛି। ସେହିପରି ଭାବରେ ହେପାଟାଇଟିସ୍ ବି ଓ ସି ଭୂତାଣୁ ଦ୍ୱାରା ଯକୃତ ସଂକ୍ରମଣ ହେଲେ ୧୫ରୁ ୨୦ ବର୍ଷ ଭିତରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ରୋଗ ହୁଏ। ତେଣୁ ଏହି ଦୁଇଟି ଭୂତାଣୁର ନିରାକରଣ କରିବା ଅତ୍ୟନ୍ତ ଜରୁରୀ। ହେପାଟାଇଟିସ୍ ବି ସଂକ୍ରମକଣକୁ ପ୍ରତିହିତ କରିବା ପାଇଁ ହେପାଟାଇଟିସ୍‌ବିର ଟୀକା ନେବା ବାଞ୍ଛନୀୟ। କିନ୍ତୁ ଯୁବାବସ୍ଥାରେ କେତେକ କ୍ଷେତ୍ରରେ ସଚେତନତା ବଢୁଥିବାରୁ ବା ପରୀକ୍ଷା ନିରୀକ୍ଷା କରିବା ସହ ପାର୍ଶ୍ୱପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି କେତେକ ରୋଗୀ ନିୟମିତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଉଥିବାରୁ ଏହା ଜଟିଳ ସମସ୍ୟା ଭାବେ ଆଉ ଦେଖାଦେଉନି। ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ଲୋକେ ବଡ଼ି ମାସ୍ ଇଣ୍ଡେକ୍ସ ବା ନିୟମିତ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଉଛନ୍ତି। ୬୦ବର୍ଷ ଅତିକ୍ରମ କରିବା ପରେ ଏବେ ହୃଦ୍‌ଘାତଜନିତ ମୃତ୍ୟୁର ଆଶଙ୍କା ଅଧିକ ରହୁଛି। ମାତ୍ର ଏଥିରୁ କିପରି ରକ୍ଷା ମିଳିବ ସେ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି। ଭାରତ ହେଉଛି ବିଶ୍ୱରେ ମଧୁମେହ ରୋଗର ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ। ଅନେକ ସଂକ୍ରାମକ ରୋଗର ନିରାକରଣ, ଏବେ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ସହଜ ଉପଲବ୍ଧ ଲୋକଙ୍କ ଆୟୁଷ ବୃଦ୍ଧିରେ ସହାୟକ ହୋଇଛି। ସମଗ୍ର ବିଶ୍ୱରେ ଭାରତ ଆୟୁ ବୃଦ୍ଧି ରାଷ୍ଟ୍ର ତାଲିକାରେ ୧୩୯ରେ ରହିଛି। ଅନ୍ୟ ଉନ୍ନତ ରାଷ୍ଟ୍ରମାନେ ଆମଠାରୁ ଢ଼େର ଆଗରେ ରହିଛନ୍ତି। ସେମାନଙ୍କ ସମକକ୍ଷ ହେବା ପାଇଁ ୬୦ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ତେଣୁ ଆମକୁ ଆମ ଜୀବନ ଶୈଳୀରେ ଆହୁରି ପରିବର୍ତ୍ତନ ଆଣିବାକୁ ପଡ଼ିବ । ସାଧାରଣତଃ ୬୫ ବର୍ଷ ପରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷର ଅବକ୍ଷୟ ଆରମ୍ଭ ହୋଇଥାଏ। ଫଳରେ ଏମାନଙ୍କ କ୍ଷେତ୍ରରେ ସ୍ମରଣଶକ୍ତି ହ୍ରାସ ପାଇବା ସହିତ ସେ ନିତିଦିନିଆ କାର୍ଯ୍ୟ କରିବାରେ ଭୁଲ ଭଟକା କରିଥାନ୍ତି। ତେଣୁ ଏହାକୁ ଡିମେନସିଆ ବା ବୁଦ୍ଧିହ୍ରାସ କୁହାଯାଏ। ଏବେ ଏହି ରୋଗର ଗୁଣସୂତ୍ର ବା ଜିନ୍ ଚିହ୍ନଟ ହୋଇସାରିଛି। ଏଣିକି ଏହାର ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି ରହିଛି। ବାଇଓ ଷ୍ଟାଟିଷ୍ଟିକ୍ସ ବା ଜୀବ ପରିସଂଖ୍ୟାନ ଆୟୁବୃଦ୍ଧି ଘଟିଥିବା ଜଣାପଡ଼ିଛି। ତାହାର ମୁଖ୍ୟ କାରଣ ହେଉଛି ଚିକିତ୍ସା ବିଜ୍ଞାନର ବହୁଳ ପ୍ରସାର ଓ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଉଛି। ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ ଅନେକମାତ୍ରାରେ ପ୍ରଶମିତ ହୋଇଛି। ପ୍ରତ୍ୟେକଦିନ ଖାଲିପେଟରେ ସକାଳେ କିମ୍ବା ସନ୍ଧ୍ୟାରେ ୨ କିଲୋମିଟର ଚାଲିବା ଦ୍ୱାରା ଲାଇଫ ଷ୍ଟାଇଲ ଡିଜିଜ୍‌କୁ ୬୦ ପ୍ରତିଶତ ପ୍ରତିରୋଧ କରିପାରିବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରାଚୀନ ଭାରତର ଯୋଗାସନ ବ୍ୟବସ୍ଥାକୁ ଆଜି ସମଗ୍ର ବିଶ୍ୱ ଆପଣାଇ ନେବା ସହ ମିଳିତ ଜାତିସଂଘ ଏକ ନିର୍ଦ୍ଦିଷ୍ଟ ଦିବସକୁ ବିଶ୍ୱଯୋଗ ଦିବସ ଭାବେ ଗ୍ରହଣ କରିଛି। ସରକାରୀ ବ୍ୟବସ୍ଥାରେ ବ୍ୟାପକ ମାତ୍ରାରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇ ଉନ୍ନତ ଚିକିତ୍ସା ସୂଚନା ପ୍ରଯୁକ୍ତି ସହାୟତା ନିଆଯାଇ ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ପ୍ରସାରଭିମୁଖୀ କରାଯାଉଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେଲେଣି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦିନକୁ ଦିନ ଅଧିକ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବା ସହ ଭ୍ରାମ୍ୟମାଣ ଚିକିତ୍ସା ଦଳ ଘର ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦ୍ୱାରା ପରିଣତ ବୟସର ରୋଗୀମାନେ ଅନେକ ସୁବିଧା ପାଇ ପାରୁଛନ୍ତି। ଲୋକମାନଙ୍କ ଜୀବନଶୈଳୀ ପରିବର୍ତ୍ତିତ ହେବା ସହ ସ୍ୱାସ୍ଥ୍ୟ ଜୀବନକୁ ଗୁରୁତ୍ୱ ଦେଉଥିବାରୁ ମୁମୂର୍ଷୁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି ଯାହାକି ଅତ୍ୟନ୍ତ ଖୁସିର କଥା।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)**


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phaggun Communication




# ସିନାପାଲିକୁ ଏନଏସି ମାନ୍ୟତା ଦାବୀକୁ କାପସି ଗ୍ରାମବାସୀଙ୍କ ବିରୋଧ : ନୂତନ ପଂଚାୟତ ଗଠନ ଦାବୀ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ସହରକୁ ଏନ୍ଏସି ମାନ୍ୟତା ଦାବୀରେ ଗତ ଶୁକ୍ରବାର ସିନାପାଲି ନାଗରିକ କମିଟିର ଆହ୍ୱାନକ୍ରମେ ସିନାପାଲି ସହରରେ ୧୨ ଘଂଟିଆ ବନ୍ଦପାଳନ କରାଯାଇଥିଲା। ସିନାପାଲି ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନ ଏହାକୁ ସମର୍ଥନ କରି ସାମିଲ ହୋଇଥିବା ବେଳେ ସଦର କାପସି ଗ୍ରାମର ଜନସାଧାରଣ ଏହାକୁ ବିରୋଧ କରିବା ସହ କାପସି ଓ ସରଧାପୁର ଗ୍ରାମକୁ ନେଇ ଏକ ନୂତନ ପଂଚାୟତ ଗଠନ କରିବା ଦାବୀରେ ସିନାପାଲି ଗୋଷ୍ଠି ଉନ୍ନୟନ ଅଧିକାରୀ, ସିନାପାଲି ତହସିଲଦାର ତଥା ସିନାପାଲି ଥାନାଧିକାରୀଙ୍କ ଜରିଆରେ ନୂଆପଡା ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଦାବୀପତ୍ରରେ ଉଲ୍ଲେଖ ଅନୁଯାୟୀ କାପସି ଏକ ସିନାପାଲି ବ୍ଲକର ଜନବହୁଳ ଗ୍ରାମ ହୋଇଥିବା ବେଳେ ଏହାର ଜନସଂଖ୍ୟା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଅଟେ। ଏଠାରେ ସିନାପାଲି ଜୁନିଅର କଲେଜ, ଡିଗ୍ରିକଲେଜ, ମା ଦୌପଦୀଜଗତ ମହିଳା ମହାବିଦ୍ୟାଳୟ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଜେଏମଏଫସି କୋର୍ଟ, ଉଦ୍ୟାନବିଭାଗ, ସିନାପାଲି ବନାଞ୍ଚଳ ନର୍ସରୀ, ସହକାରୀଯନ୍ତ୍ରୀ କାର୍ଯ୍ୟାଳୟ ଆଦି ରହିଅଛି। ଏହି କାର୍ଯ୍ୟାଳୟ ଗୁଡିକୁ ସଂଲଗ୍ନ ହୋଇ ସରଧାପୁର ଗ୍ରାମ ମଧ୍ୟ ରହିଅଛି। ଏସବୁର ସମ୍ମିଶ୍ରଣରେ କାପସି ଗ୍ରାମ ଠାରେ ନୂତନ ପଂଚାୟତ ଗଠନ କରାଯାଇ ଡାକ୍ତରଖାନା ନିକଟରେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦୃଢ ଦାବୀ କରିଛନ୍ତି। ଏପରିକି ସିନାପାଲି ପଂଚାୟତରେ ଉକ୍ତ କାପସି ଗ୍ରାମ ରହିଥିବା ବେଳେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି। ସଦର ପଂଚାୟତରେ ସବୁ ବେଳେ ଅବହେଳାର ଶିକାର ହେବାକୁ ପଡୁଛି ବୋଲି ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯୋଗ୍ୟଯେ ସିନାପାଲି ସହରକୁ ଏନଏସି ମାନ୍ୟତା ଦାବୀ ନେଇ ପୂର୍ବରୁ ଆନ୍ଦୋଳନ କରିବା ସହ ଗତ ଶୁକ୍ରବାର ସିନାପାଲି ସହରରେ ବନ୍ଦପାଳନ କରାଯାଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିଲା। ସିନାପାଲିକୁ ଏନଏସି ମାନ୍ୟତା ପାଇବାକୁ ହେଲେ ସିନାପାଲି ସମେତ କାପସି, ଗୋଡାଲ, ଯୁଗେନପଦର, ପଲସାପଡା ଆଦି ଗ୍ରାମକୁ ନେଇ ଜନସଂଖ୍ୟା ଭିତିରେ ଦାବୀ ପୂର୍ବରୁ ଜଣାଇ ଆସୁଛନ୍ତି। ହେଲେ ବର୍ତମାନ କାପସିର ଜନସାଧାରଣ ଏହାକୁ ବିରୋଧ କରିବା ସହ ଏକ ନୂତନ ପଂଚାୟତ ଗଠନ ଦାବି କରିବା ଯୋଗୁଁ ଏନଏସି ଘୋଷଣାକୁ ନେଇ ଦ୍ୱନ୍ଦ ଉପୁଜିବାରେ ଲାଗିଛି। ନୂତନ ପଂଚାୟତ ଗଠନ କରିବା ଅଭିଯାନରେ କାଦର ଖାନ, ବସନ୍ତ ଦାସ, ନୀଳ ଦାସ, ହେମନ୍ତ ମାଝୀ, ଲଛମନ ରଣା, ଭାସ୍କର ଦାସ, ନାସିର ଖାନ, ତୁଳାରାମ ସା, ମଧୁ ଚିନ୍ଦା, ମହାଦେବ ମାଝୀ, ଅଜେୟ ଦାସ, ଧବଳେ ମାଝୀ, ଶିବ ରଣା, କୁମନ ରଣା, ଶଶି ଜଗତ, ଦୁଆରୁ ଜଗତ, ଭୁବନେ ମାଝୀ, ଚୈତୁ ରଣା, ବୈଦ ଜଗତ, ଥବୀର ରଣା, ଦମନ ରଣା, ଥବୀର ମାଝୀ, ରତନ ଜଗତ, ଚମାର ସା, ସୁଦର ମାଝୀ, ହରଲାଲ ମଶ୍ରା, ଅନନ୍ତ ରଣା, କେଦାର ଦାସ, ନରୋତ୍ତମ ମାଝୀ, ଅନନ୍ତରାମ ରଣା, ଅଧିକାରୀ ସା, ମୁଢ ମହାନନ୍ଦ ପ୍ରମୁଖ ସାମିଲ ଅଛନ୍ତି।

# ଶ୍ୱଦ୍ଧାଦେବ ସିଂଦେବ ସିଂ ହେଲେ ରାଉରକେଲା ଏଡିଏମ

ରାଉରକେଲା,(ପିଏନ)-ନିକଟରେ ରାଜ୍ୟ ସରକାର ରାଉରକେଲା ଏଡିଏମ ଭାବେ ଆଇ ଏ ଏସ ଶ୍ୱଦ୍ଧାଦେବ ସିଂ ଙ୍କୁ ନିଯୁକ୍ତି ଦେବା ଖବର ସହରରେ ପ୍ରଚାର ହେବା ପରେ ତାଙ୍କୁ ଓ ତାଙ୍କ ଶାସନ ପ୍ରଣାଳି କୁ ବୁଝୁଥିବା ଲୋକଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଛି। ୨୦୧୪ ବ୍ୟାଚ ଆଇଏଏସ ଶ୍ରୀମତୀ ସିଂ ଅଳ୍ପ ଦିନତଳେ ବଣେଇ ଉପଖଣ୍ଡରେ ଉପଜିଲ୍ଲାପାଳ ଥିବା ସମୟରେ ଯାହା ସବୁ କାମ କରିଯାଇଛନ୍ତି ଓ ତାଙ୍କର ଶାସନ ଶୈଳିକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।ବଡ କଥା ହେଲା ମାଡାମ ସିଂ ଲୋକ ମାନଙ୍କୁ ଅତି ସୁନ୍ଦର ଭାବେ ପ୍ରଥମେ ଶୁଣନ୍ତି,ତାପରେ ସମସ୍ତ କଥା ର ଉତର ମଧ ରଖନ୍ତି ଓ ସମସ୍ୟାର ସମାଧାନ ସେହିଯାଗାରେ କରିବାକୁ ଚେଷ୍ଟା କରନ୍ତି। ଜନସାଧାରଣରେ ହେଉଥିବା ସମସ୍ୟାର ସମାଧାନ ଲାଗି ସେ ଦିନ ରାତି କୁ ଏକ କରି କାମ ମଧ କରନ୍ତି। ପ୍ରଦୁଷଣ ସମସ୍ୟାର ସମାଧାନ ଲାଗି ମାଡାମ ସିଂ ବଣେଇରେ ଏକ ଆଖିଦୃଶିଆ କାମ କରି ଜିଲ୍ଲାରେ ରେକର୍ଡ କରିଯାଇଥିଲେ।ଏକ ସ୍ପଂଜ କାରଖାନା ପ୍ରଦୁଷଣ ରୋକିବାରେ ବିଫଳ ହେବାରୁ ସେ କାରଖାନାକୁ ସେ ନିଜେ ସିଲ କରିଥିଲେ।ଯାହା ଆଜିଯାଏ କୌଣସି ଜିଲ୍ଲପାଳ ମଧ୍ୟ କରିନଥିଲେ। ସେହିଭଳି ଘନ ଘନ ବିଜୁଳିକାଟ ପ୍ରତିବାଦରେ ବଣେଇବାସୀଙ୍କ ଅସନ୍ତୋଷକୁ ନେଇ ବିଭାଗୀୟ ଜେଇ ମାନଙ୍କୁ ବିଳମ୍ବିତ ରାତିଯାଏ ଖୋଜି ସମସ୍ୟାର ସମାଧାନ କରିବା ଖବର ସେତେବେଳେ ଜିଲ୍ଲାରେ ଚର୍ଚ୍ଚା ର ବିଷୟ ହୋଇଥିଲା।ମୋଟା ମୋଟି ସରକାରୀ କାମ ସଠିକ ଭାବେ କରୁଥିବା ଅଫିସର ଓ କର୍ମଚାରୀ ମାନଙ୍କ ଲାଗି ବର୍ତମାନ ତାଙ୍କ ସମୟରେ ବେଶ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ ଓ ଠକ ମାନଙ୍କ ଲାଗି କାଳ ହେବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।



ବିଲ୍ ଗେଟ୍ସଙ୍କ ସହ କରମର୍ଦ୍ଦନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୋରେଇ, (ପିଏନ)- କୋରାଇ ବ୍ଲକ ଅନ୍ତର୍ଗତ ଗୌରପୁର ପଂଚାୟତର ଇଛାପୁରସସ୍ଥିତ କୃନ୍ତଳା କୁମାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟାଧର ମୁଦୁଲିଙ୍କ ଅବସର ଗତ ୩୧ ତାରିଖ ହୋଇଥିଲା। ଏଥି ନେଇ ବିଦ୍ୟାଳୟରେ ଆଜି ବିଦାୟ କାଳୀନ ସଭା ପୁରାତନ ଛାତ୍ର ସଂସଦ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିପିନ ବିହାରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଆରକ୍ଷ ଅଧିକ୍ଷକ ଚରଣ ସିଂହ ମୀନା, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଭିକାରୀ ଚରଣ ଓଝା, ସମ୍ମାନୀତ ଅତିଥିଭାବେ ଏବିଇଓ ହରିହର ଦଳାଇ, ସରପଂଚ ମମତା ସାହୁ, ସମିତିସଭ୍ୟ ମାଣିକ ଦାସ ବିଦ୍ୟାଳୟ ପ୍ରତିଷ୍ଠାତ୍ରୀ କୁନ୍ତଳା କୁମାରୀ ଓଝା,ସିଆରସିସି ଅଭୟ କୁମାର ସାହୁ,ଅଭୟ କୁମାର ମହାପାତ୍ର, ରତ୍ନାକର ପଲେଇ, ନୃସିଂହ ନାରାୟଣ ମିଶ୍ର, ଶରତ କୁମାର ଧଳ, ବିମ୍ବାଧର ଜେନା,ଶରତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥବଲେ। ସନ୍ତୋଷ କୁମାର କଣ୍ଡାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଭିମନ୍ୟୁ ଦାଶ, ପ୍ରଦୀପ କୁମାର ପଣ୍ଡା ମଙ୍ଗଳାଷ୍ଟକ ଗାନ କରିଥିଲେ। ସହଦେବ ସେନାପତି ବିବରଣୀ ପାଠ କରିଥବବା ବେଳେ ବିଜୟ କୁମାର ନନ୍ଦ ମାନପତ୍ର ପାଠ କରଇଥିଲେ। ଶେଷରେ ଜୟନ୍ତ କୁମାର ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ କର୍ମଚାରୀ ଗୋବର୍ଦ୍ଧନ ରାଉତ, ଅମର ମିଶ୍ର, ଶରତ ଖଣ୍ଡାଇ, ଉଦ୍ଧବ ଦାସ, ପୁରାତନ ଛାତ୍ର ରାମ ଚନ୍ଦ୍ର ସାହୁ, ପ୍ରମୋଦ ପାତ୍ର,ଦୁର୍ଯ୍ୟୋଧନ ଓଝା, ଶ୍ରୀଧର ସାହୁ, ପ୍ରମୋଦ ଦାସ, ଗଣେଷ ଦାସ, ଅକ୍ଷୟ କାହାଳୀ, ଜଗବନ୍ଧୁ ଯେନା, ନିତ୍ୟାନ୍ଦ ନାୟ୍କପରିଚାଳନା କିମଯଇ ସଭ୍ୟ ରଥ ପରିଡା, ବଳରାମ ପଣ୍ଡା, ହୃଷିକେଶ ଜେନା, ବିଶ୍ୱନାଥ ପଣ୍ଡା, ମହେନ୍ଦ୍ର ଦାସ, ସୁଦର୍ଶନ ଓଝା, ମାଧବ ଦାସଙ୍କ ସମେତ ଅନ୍ୟାନ୍ୟ ଶୁଭେଛୁମାନଙ୍କ ଉପସ୍ଥିତରେ ମୁଖ୍ୟ ଅତିଥି ଶ୍ରୀ ମୀନା ବିଦାୟୀ ଶିକ୍ଷକ ଶ୍ରୀ ମୁଦୁଲିଙ୍କୁ ମାନପତ୍ର ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ଶୋଭାଯାତ୍ରା ଶ୍ରୀ ମୁଦୁଲିଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଇତ୍ୟବସରରେ ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ଅମଲା ସଂଘର ବୈଠକ

କେନ୍ଦ୍ରାପଡ଼ା,(ପିଏନ)- ଓଡିଶା ରାଜସ୍ୱ ଅମଲା ସଂଘର କେନ୍ଦ୍ରାପଡା ଜିଲ୍ଲା ଶାଖାର ଏକ ସାଧାରଣ ଅଧିବେସନ ଜିଲ୍ଲା ସଦ୍‌ଭାବନା ଗୃହରେ ସଭାପତି ଦୀନବନ୍ଧୁ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ବୈଠକକୁ ଜିଲ୍ଲାପାଳ ସମର୍ଥ ବର୍ମା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅମଲା ସଂଘର ଚତୁର୍ଥ ତ୍ରୟୋବାର୍ଷିକ ସମ୍ମିଳନୀ ଆୟୋଜନ ରାଜସ୍ୱ ଅମଲାମାନଙ୍କର ବିଭିନ୍ନ ଦାବୀ ଇତ୍ୟାଦି ସଂପର୍କରେ ଆଲୋଚନା କରାଯାଇଥିଲା। ଦାବିଗୁଡିକ ପୂରଣ କରିବା ପାଇଁ ରାଜସ୍ୱ ଅମଲାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ କରିଥିଲେ। ଜିଲ୍ଲାପାଳ ରାଜସ୍ୱ ଅମଲାମାନଙ୍କୁ ଶାସନରେ ଏକ ମୁଖ୍ୟ ଅଙ୍ଗ ବୋଲି ଅଭିହିତ କରି କର୍ତବ୍ୟନିଷ୍ଠ ହୋଇ ସଚ୍ଚୋଟତାର ସହିତ ସରକାରୀ କାର୍ଯ୍ୟ ସଂପାଦନ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ବିଭିନ୍ନ ଦାବୀ ଗୁଡିକ ଉପରେ ସରକାରଙ୍କୁ ସକରାତ୍ମକ ସୁପାରିଶ୍ କରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଜିଲ୍ଲା ସଂପାଦକ ରମେଶ ଚନ୍ଦ୍ର ପାଣି ସଂପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ସଂଗଠନର ସଂପାଦକ ପ୍ରଭଞ୍ଜନ ମିଶ୍ର, ଷ୍ଟାଫ୍ କମିଟି ଉପସଭାପତି ଅଶୋକ କୁମାର ମହାନ୍ତି, କିରଣ କୁମାର କାନୁନ୍‌ଗୋ, ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଭଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଜିଲ୍ଲାର ସମସ୍ତ ଅମଲା କର୍ମଚାରୀମାନେ ଯୋଗ ଦେଇଥିଲେ।

# ସିଆରସିଙ୍କ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱୟଂଶକ୍ତି ସଭାଗୃହ ପରିସର ମଧ୍ୟରେ ସିଆରସି ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଖଡିଆଳ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୃଷ୍ଟି ଆୟୋଜନ କରିଥିବା ବେଳେ ୟୁନିସେଫ ସହାୟତା କରିଥିଲା। ଏଥିରେ ଶିଶୁ ମାନଙ୍କୁ ସମାଜରେ ଏକ ସୁରକ୍ଷିତ ବ୍ୟବସ୍ଥାରେ ରଖିବା ପାଇଁ ସବୁ ପ୍ରକାର ସୁବିଧା ଓ ସହଯୋଗ ଦିଆଯିବ ବୋଲି ସୃଷ୍ଟିର ସମ୍ପାଦକ ବିଶ୍ୱଜିତ ପାଢୀ ସମସ୍ତଙ୍କୁ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ ସରକାରଙ୍କର ବିଭିନ୍ନ ସୁରକ୍ଷା ଓ ବିକାଶ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅଶ୍ୱନୀ ପାତ୍ର ଶିଶୁ ମାନଙ୍କୁ ସୁରକ୍ଷିତ ବ୍ୟବସ୍ଥାରେ ରଖିବା ପାଇଁ ସିଡବ୍ଲୁସି ସବୁ ସହଯୋଗ କରିବ ଓ ଜିଲାରେ ଯେଉଁ ଶିଶୁ ମାନେ ଅସୁରକ୍ଷିତ ସେମାନେଙ୍କୁ ସହଯୋଗ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସଦସ୍ୟ କୁମୁଦ ହୋତା ଆଇନ ଓ ସମାଜର ସମନ୍ୱୟର ଆବଶ୍ୟକତା ଉପରେ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର ପ୍ରାୟ ପଚଂାୟତରେ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ରହିଥିବା ବେଳେ ଖଡିଆଳ ବ୍ଲକର ୩ ଗୋଟି ପଂଚାୟତ ଭୂଲିଆସିକୁଆଁ, ବାଦୀ ଓ ଅରେଡା ପଂଚାୟତ ସୁରକ୍ଷା ସମିତି ନଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ଏହି ଅବସରରେ ଜୁନାନୀ ସ୍କୁଲର ଶିଶୁ କଳାକାର ମାନଙ୍କୁ ନେଇ ବାଲ୍ୟ ବିବାହ ଉପରେ ନାଟକ ପ୍ରଦର୍ଶନ କରାଯାଇଥିଲା। ଏହି କଳାକାର ମାନଙ୍କୁ ସୃଷ୍ଟି ତରଫରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଆଶୁତୋଷ ଥାନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଲବୁଲ କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ଓ କୃଷି ବିଭାଗର ମିଳିତ ତଦନ୍ତ

କୋରେଇ, (ପିଏନ)-କୋରାଇ ବ୍ଲକର ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ବୁଲବୁଲ ବର୍ଷା ସେମାନଙ୍କ ମେରୁଦଣ୍ଡ ଦୋଦଲାଇ ଦେଇଛି। ଚାଷ ଜମିରେ ଏବେ ବି ପାଣି ଜମି ରହିବା ଯୋଗୁ ଦାନ ପଚିବା ସହ କେତେକ ବଲରେ ଧାନ ଗଜା ହେବା ଦେଖାଦେଇଛି। ଆଜି ବ୍ଲକର ବରୁଣ୍ଡାଇ,ରଣପା. ପାଣିକୋଇଲି ରାଜସ୍ୱ ସର୍କଲ ଅଧିନରେ କ୍ଷୟକ୍ଷତିର ଆକଳନ କରାଯାଇଛି। କୃଷି ଅଧିକାରୀ ଶରତ ନାୟକ, ଅଜୟ ପରିଡା, କୃଷି କର୍ମଚାରୀ ବିକାଶ ବେହେରା, ବ୍ୟାସନଗର ତହସିଲର ସୁପରଭାଇଜର ବିଷ୍ଣୁ ଚରଣ ପଣ୍ଡା, ରାଜସ୍ୱ ନିରୀକ୍ଷକ ସେବତୀ ବାନାରା, ବସନ୍ତ ଦେହୁରୀ, କୃଷକ ନେତା ବଳରାମ ସାହୁ ପ୍ରମୁଖ ବିଭିନ୍ନ ଗ୍ରାମକୁ ଯାଇ ଚାଷ ଜମିରେ କ୍ଷୟକ୍ଷତି ଆକଳନ କରିଥିଲେ। ଚାଷୀମାନେ ସେମାନଙ୍କ କ୍ଷତି ଆକଳନ ଅଧିକାରୀ ମାନଙ୍କୁ ଦେଖାଇଥିଲେ। ଅପରପକ୍ଷେ ବୁଲବୁଲ କ୍ଷୟକ୍ଷତି ଯୋଗୁ ଧାର କରଜ, ଋଣ, ସମବାୟ ଓ ବ୍ୟାଙ୍କ ଋଣ, ଗ୍ରାମ ମହାଜନଙ୍କ ଠାରୁ ଋଣ ଆଣି ଚାଷ କାର୍ଯ୍ୟରେ ନିୟୋଜିତ କରି ଅମଳ ସମୟରେ ଅସମୟ ବର୍ଷା ଯୋଗୁ କ୍ଷୟକ୍ଷତି ହୋଇଥିବାରୁ ସମସ୍ତ ଚଶଷୀଙ୍କୁ କ୍ଷତିପୂରଣ ଦେବା ପାଇଁ କୃଷକ ନେତାମାନେ ଦାବି କରିଛନ୍ତି।

# ଜୟପୁରରେ ପଥୋତ୍ସବ ଆୟୋଜିତ

ଜୟପୁର, (ପିଏନ୍)- ଜୟପୁରରେ ଶହିଦ୍ ଲକ୍ଷ୍ମଣ ନାୟକ ପଥୋଉତ୍ସବ ପରବ ୨୦୧୯ ଆନୁକୁଲ୍ୟରେ ଅନଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇଥିବା ବେଳେ କମିଟିର ଅଧ୍ୟକ୍ଷ ତଥା ଉପଜିଲାପାଳ ଲୋକନାଥ ଦଳବେହେରା, ଏସଡିପିଓ ବରୁଣ ଗୁଂଟୁପାଲ୍ଲି , ଆବାହକ ପୌର କାର୍ଯ୍ୟନିବାହି ଅଧିକାରି ଆଲୋକ ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଲା ଠାରୁ ବୃଦ୍ଧ ଯାଏଁ ସମସ୍ତେ ସକାଳୁ ମୁଖ୍ୟ ରାସ୍ତାରେ ଏକତ୍ରିତ ହୋଇଥିବା ବେଳେ ଦେଖିବାକୁ ମିଳିଥିଲା ନାଚ-ଗୀତ ସାଙ୍ଗକୁ କଳା କୌଶଳର ପ୍ରଦର୍ଶନ। ଯାହାକି ଲୋକଙ୍କୁ ଭରପୁର ମନୋରଂଜନ ଦେଇଥିଲା। ଯେଉଁଥି ପାଇଁ ବ୍ୟାପକ ପ୍ରସ୍ତୁତି କରିଥିଲା ପ୍ରଶାସନ। ସକାଳ ସାଢେ ୬ଟା ଠାରୁ ଆରମ୍ଭ ହୋଇ ପୂର୍ବାହ୍ନ ସାଢେ ୧୦ ପର୍ଯ୍ୟନ୍ତ ଏହି ପଥୋଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଦେଖିବା ପାଇଁ ମୁଖ୍ୟ ରାସ୍ତା ଲୋକାରଣ୍ୟ ହୋଇପଡିଥିଲା। ତୃତିୟ ବର୍ଷ ପାଇଁ ଅନୁଷ୍ଠିତ ହୋଇଥିବା ସହିଦ୍ ଲକ୍ଷ୍ମଣ ନାୟକ ପଥ ଉତ୍ସବ ପାଇଁ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ସଭିଏଁ ମୁଖ୍ୟ ରାସ୍ତାକୁ ଚାଲି ଆସିଥିଲେ ଏଥିରେ ସାମିଲ ହେବା ପାଇଁ। ପ୍ରଶାସନ ନିକଟରେ ପୂର୍ବରୁ ନାମାଙ୍କନ କରାଯାଇଥିବା ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଏଥିରେ ହାଇଦ୍ରାବାଦର କଣ୍ଢେଇ ନାଚ ସହ ସ୍ଥାନୀୟ କଳାକାରଙ୍କୁ ସ୍ଥାନ ଦିଆଯାଇଥିଲା। ମ୍ୟୁଜିକାଲ ଚେୟାର, ପିଲାଙ୍କ ଖେଳ, ଆଖଡା, ବାଲୁକା ଶିଳ୍ପୀ ପ୍ରଭାକର ମହାରଣାଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥ ଶଙ୍ଖ, ଚକ୍ର ନିର୍ମାଣ କରିଥିଲେ। ଯାହାକି ବହୁତ ଆକର୍ଷଣ ହୋଇଥିଲା। ପତାଞ୍ଜଳି ଯୋଗ ସମିତି ଦ୍ୱାରା ଯୋଗ, ରୋଙ୍ଗଲି ଝୋଟି, ମେହେନ୍ଦି, ଶିଶୁ କଳା, ଫେସନ ସୋ, ନୃତ୍ୟ, ମ୍ୟାଜିକ୍, ପେପର କ୍ରାଫ୍ଟ, ବର୍ଜ୍ୟବସ୍ତୁର ବ୍ୟବହାର, ସଂକିର୍ତନ ଆଦି ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

# ଦତୋପନ୍ତ ଠେଙ୍ଗଡ଼ୀ ଜନ୍ମ ଶତାବ୍ଦୀ ସମାରୋହ ଆସନ୍ତା ୨୪ ରେ

ଭୁବନେଶ୍ୱର,(ପିଏନ)- ଭାରତୀୟ ମଜଦୁର ସଂଘ, ଭାରତୀୟ କିଷାନ ସଂଘ, ସ୍ୱଦେଶୀ ଜାଗରଣ ମଂଚର ତଥା ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ପ୍ରତିଷ୍ଠାତା ବିଶିଷ୍ଟ ମୌଳିକ ଚିନ୍ତାନାୟକ, ଅର୍ଥଶାସ୍ତ୍ରୀ ସ୍ୱର୍ଗତ ଦତୋପନ୍ତ ଠେଙ୍ଗେଡ଼ୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଆସନ୍ତା ନଭେମ୍ବର ୨୪ ତାରିଖ ସନ୍ଧ୍ୟାରେ ଚକେଇସିଆଣିସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିରେ ଅନୁଷ୍ଠିତ ହେବ। ଏଥିରେ ଅଧ୍ୟକ୍ଷତା କରିବେ ବିଶିଷ୍ଟ ଆଇନ୍‌ଜୀବୀ ତଥା ଆସିଷ୍ଟାଂଟ ସଲିସିଟର ଜେନେରାଲ ଶ୍ରୀ ଅନୁପ କୁମାର ବୋଷ (କଟକ) ଏବଂ ମୁଖ୍ୟବକ୍ତା ରୂପେ ଯୋଗଦାନ କରିବେ ବିଶିଷ୍ଟ ଅର୍ଥନୀତିଜ୍ଞ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡଃ ବଜରଙ୍ଗଲାଲ ଗୁପ୍ତା। ଓଡ଼ିଶା ନିମନ୍ତେ ମଧ୍ୟ ଏକ ସମାରୋହ ସମିତି ଆଡ଼ଭୋକେଟ ଶ୍ରୀ ଅନୁପ କୁମାର ବୋଷଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ଓଡ଼ିଶାର ବିଭିନ୍ନ କ୍ଷେତ୍ରର ସ୍ୱନାମଧନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ସଦସ୍ୟ ଅଛନ୍ତି। ଦତୋପନ୍ତ ଠେଙ୍ଗେଡ଼ୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ୧୦ ନଭେମ୍ବର ୨୦୧୯ରୁ ୧୦ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳନ କରିବା ନିମନ୍ତେ ସର୍ବଭାରତୀୟସ୍ତରରେ ନିଷ୍ପତି ହୋଇଛି। ଏଥିନିମନ୍ତେ ସର୍ବଭାରତୀୟସ୍ତରରେ ଦେଶର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ସମିତି ଗଠନ କରାଯାଇଛି। ଏଥିରେ ଲୋକସଭାର ପୂର୍ବତନ ବାଚସ୍ପତି ଶ୍ରୀମତୀ ସୁମିତ୍ରା ମହାଜନ ଅଧ୍ୟକ୍ଷା ଅଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସର ସଂଘଚାଳକ ଡଃ ମୋହନରାଓ ଭାଗବତ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ନାଗପୁରଠାରେ ଏହି ଉତ୍ସବର ଉଦ୍‌ଘାଟନ କରିଥିବା ବେଳେ ସମାପନ ଉତ୍ସବ ୧୦ ନଭେମ୍ବର ୨୦୨୦ରେ ଦିଲ୍ଲୀଠାରେ ଅନୁଷ୍ଠିତ ହେବ।

ଆଜିର ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସମିତିର ସାଧାରଣ ସମ୍ପାଦକ ଭାରତୀୟ ମଜଦୁର ସଂଘର ଅଖିଳ ଭାରତୀୟ ସମ୍ପାଦକ ଶ୍ରୀ ଗୋକୁଳାନନ୍ଦ ଜେନା, ଭାରତୀୟ ମଜଦର ସଂଘ କେନ୍ଦ୍ରୀୟ କାର୍ଯ୍ୟକମିଟି ସଦସ୍ୟ କୃଷ୍ଣଚନ୍ଦ୍ର ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସୌଦାମିନୀ ଦାସ, ଉପସଭାପତି ଏ. ଶ୍ରୀନିବାସ ରାଓ, ସ୍ୱଦେଶୀ ଜାଗରଣ ମଂଚର ଶ୍ରୀ ଅନଦା ଶଙ୍କର ପାଣିଗ୍ରାହୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମ୍ପର୍କ ପ୍ରମୁଖ ଶ୍ରୀ ସର୍ବେଶ୍ୱର ବେହେରା, ଅଧିବକ୍ତା ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ଜ୍ଞାନଲୋକ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ।

# ତରୁଣ ପ୍ରଜ୍ଞା ଭାରତୀର ଏକତ୍ରିଂଶତମ ପୁରସ୍କାର ବିତରଣ ଉତ୍ସବ

ଜୟପୁର, (ପିଏନ)- ତରୁଣ ପ୍ରଜ୍ଞାଭାରତୀର ଏକତ୍ରିଂଶତମ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ଣ୍ଣେଲ ସରୋଜ କୁମାର ମାଟି, ମୁଖ୍ୟବକ୍ତା ଭାବେ ସ୍ୱାମୀ ଭାସ୍କର ତୀର୍ଥ ସରସ୍ୱତୀ, ତରୁଣ ପ୍ରଜ୍ଞାଭାରତୀର ଅଧ୍ୟକ୍ଷ ଗଙ୍ଗାଧର ନନ୍ଦ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା ଉପସ୍ଥିତ ରହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉମରକୋଟର ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ସୁରେନ୍ଦ୍ର ନାଥ ଦାଶ, ବରଗଡର ଔପନ୍ୟାସିକ ମିନୁ ଦାଶ ଶର୍ମା, ପ୍ରତିରକ୍ଷା ବିଭାଗ ସନ୍ତୋଷ କୁମାର ପଣ୍ଡା, ସମାଜସେବୀ ଓ ବଂଶୀ ବାଦକ ଜି. ମହେଶ, ବୈଦିକଧର୍ମ ଶାସ୍ତ୍ରୀ ଗାନ୍ଧାଓାରାପୁ କାଶୀପତି ଶର୍ମାଙ୍କୁ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତପନ କିରଣ ତ୍ରିପାଠି ଅତିଥିଙ୍କୁ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ଯଜ୍ଞେଶ୍ୱର ପଣ୍ଡା, କୃଷ୍ଣ କେଶବ ଷଡଙ୍ଗୀ, ଆର୍ଯ୍ୟ ରାଓଗୋପାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା ବିବରଣି ପାଠ କରିଥିବା ବେଳେ ପ୍ରମୋଦ କୁମାର ରାଉଳ, ଗଙ୍ଗାଧର ନନ୍ଦ, ଅଶୋକ ମହାରଣା, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଶୁଭସ୍ମିତା ସାହୁ, ପୁଷ୍ପାଞ୍ଜଳି ସାହୁ ମାନପତ୍ର ପଠନ କରିଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀ ପୁଷ୍ପାଞ୍ଜଳୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିରଞ୍ଜନ ପାଣିଗ୍ରାହୀ, ଅଶୋକ ମହାରମା, ଅଶୋକ କୁମାର ପଲେଇ, ମାମିନୀ ଦାଶ, ଶୁଭସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରାୟ ୭୦ ଜଣ ଭାଗ ନେଇଥିବା ବେଳେ, ପାହାଡ଼ ଚଢିଥିବା ୨୯୩ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗୋମତୀ ବିଜ୍ଞାନ ପରୀକ୍ଷାରେ ୨୨ ଜଣ ପରୀକ୍ଷାର୍ଥୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବଂଶୀ କ୍ଲାରିଓନେଟ ବାଦକ ଏ.ଭି ରମଣ ସ୍ୱାମୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନିରବଛିନ୍ନ, ନିସ୍ୱାର୍ଥପର ସାଧନାର ଦୂରଗାମୀ ଫଳ ରହିଛି

ଭୁବନେଶ୍ୱର,(ପିଏନ)- ସାମ୍ବାଦିକତାର ଦିଗ ବଦଳିଛି। ଏହା ବର୍ତମାନ କେବଳ ପ୍ରିଂଟ କିମ୍ବା ଇଲେକଟ୍ରୋନିକ୍ସ ମିଡିଆରେ ସୀମିତ ରହିନାହିଁ। ସୋସିଆଲ ମିଡିଆରେ ସାଧାରଣ ଲୋକେ ଯେଉଁଭଳି ଭାବେ ସକ୍ରିୟ ହେଉଛନ୍ତି ତାହା ବର୍ତମାନ ସାମ୍ବାଦିକଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅନେକ ଗୁରୁତ୍ୱପୂର୍ଣ୍ଣ ଖବର ସୋସିଆଲ ମିଡିଆ ଯୋଗୁ ଲୋକଲୋଚନକୁ ଆସିପାରୁଛି। କୌଣସି ଗୋଟିଏ ବିଷୟକୁ ପ୍ରତିଷ୍ଠିତ କରିବାକୁ ନିରବଛିନ୍ନ ଏବଂ ନିସ୍ୱାର୍ଥପର ସାଧନା କଲେ ଏହାର ଦୂରଗାମୀ ଫଳ ମିଳିଥାଏ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଶ୍ଚିମବଙ୍ଗ,ଆସାମ, ଆଣ୍ଡାମାନ ନିକୋବର, ଓଡିଶାର କ୍ଷେତ୍ରକାର୍ଯ୍ୟବାହ ଅଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି।

ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ବିଶ୍ୱ ସମ୍ବାଦ କେନ୍ଦ୍ର ଓଡ଼ିଶା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାମ୍ବାଦିକ କର୍ମଶାଳା 'ପେନ୍ ଫର୍ ନେସନ'ରେ ଯୋଗଦେଇ ସେ କହିଲେ ଯେ, ସାମ୍ବାଦିକ କେବଳ ନିଜପାଇଁ ଲେଖିନୀ ଚାଳନା ନ କରି ରାଷ୍ଟ୍ରର ହିତ ପାଇଁ ଲେଖନୀ ଚାଳନା କରିବା ଦରକାର। ସାମ୍ବାଦିକତାକୁ ଗୋଟିଏ ଦିଗ ପ୍ରଦାନ କରି ଏହାକୁ ଗୋଟିଏ ସ୍ଥଳରେ ପହଂଚାଇବା ପାଇଁ କିଛି ଲୋକଙ୍କୁ ନିରବଛିନ୍ନ ସାଧନା କରିବାକୁ ପଡ଼ିବ। ସେଥିପାଇଁ ବିଶ୍ୱ ସମ୍ବାଦ କେନ୍ଦ୍ର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହା ଦ୍ୱାରା କିଛି ଲୋକ ସାଧନାରେ ବ୍ରତୀ ହେବା ସହ ଏହାର ଦୂରଗାମୀ ପରିଣତି ଦେଖିବାକୁ ମିଳିବ। ସାମ୍ବାଦିକତା ପେଶା ନ ହୋଇ ଲେଖନୀ ଚାଳନା ଆମର ନିଶା ହେବା ଦରକାର। ସେଥିପାଇଁ ସାମ୍ବାଦିକମାନେ ରାଷ୍ଟ୍ର ସମ୍ପର୍କରେ ଅଧିକରୁ ଅଧିକ ଅଧ୍ୟୟନ କରିବା ଦରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଯୋଗଦେଇ କହିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତା କ୍ଷେତ୍ରରେ ଅନେକ ଆହ୍ୱାନ ଦେଖାଦେଇଛି। ମାତ୍ର ସାମ୍ବାଦିକ ଏହି ସବୁ ଆହ୍ୱାନକୁ ସ୍ୱୀକାର କରି ରାଷ୍ଟ୍ରପ୍ରତି ମମତ୍ୱ ଭାବ ନିର୍ମାଣ ନ ହେବା ପର୍ଯ୍ୟନ୍ତ ରାଷ୍ଟ୍ରକୁ ନିଜର ବୋଲି ନ ଭାବିବା ପର୍ଯ୍ୟନ୍ତ ରାଷ୍ଟ୍ର ପାଇଁ ଲେଖନୀ ଚାଳନା ହେବନାହିଁ ବୋଲି କହିଥିଲେ। ସାମ୍ବାଦିକ ମାନେ ସମାଜରେ ଥିବା ସତ୍ୟକୁ ଉଜାଗର କରିବା ପାଇଁ ବ୍ରତୀ ହେଲେ ଏହି କାର୍ଯ୍ୟ ସଫଳ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମ୍ବାଦିକ ଯତିନ ଦାସ ଏବଂ ସ୍ତମ୍ଭକାର ସୌମେନ୍ଦ୍ର ଜେନା ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ଏବଂ ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯଥାକ୍ରମେ ପ୍ରଥମ ଓ ଦ୍ୱୀତିୟ ସତ୍ରରେ ସଭାପତିତ୍ୱ କରିଥିଲେ। ଶିବପ୍ରସାଦ ନାୟକ,ଦୁର୍ଗାମାଧବ ରଥ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଏସ୍‌ପିଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

କେନ୍ଦ୍ରାପଡ଼ା,(ପିଏନ)- କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିଶେଖରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗାଗାରିନ୍ ମହାନ୍ତି, ଅମୀତା ପଟ୍ଟନାୟକ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଡିଏସ୍‌ପି କାର୍ତିକ ଚନ୍ଦ୍ର ମଲ୍ଲିକ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଂଜନ କୁମାର ଦେଙ୍କ ସହିତ ଟାଉନ୍‌ଥାନା ଅଧିକାରୀ ଜ୍ୟୋତିରଂଜନ ସାମନ୍ତରାୟ, ସଦରଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ଆର୍.ଆଇ ହେମନ୍ତ କୁମାର ଦାସଙ୍କ ସହ ବହୁ ପୋଲିସ୍ କର୍ମଚାରୀ ଏହି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ଚାରିପଟେ ଦୀର୍ଘଦିନରୁ ପଡିରହିଥିବା ଅଳିଆ, ଆବର୍ଜନା ଓ ଗଛ ଗୁଡିକୁ ସଫା କରିଥିଲେ।

